

ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।
- ଏଡ୍‌ୱର୍ଥ



## ସଂକ୍ଷେପରେ

### ସରିଲା ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା
### ତିନି ବିଭାଗରେ ୧୮୧୦ ଛାତ୍ରୀଛାତ୍ର ନାମ ଲେଖାଇଲେ

ଧର୍ମଶାଳା,୮।୭(ଡି.ଏନ୍.ଏ.): ଯୁକ୍ତ ୨ ନାମ ଲେଖା ପ୍ରଥପ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ଶେଷଦିନ ସୁଦ୍ଧା ଧର୍ମଶାଳା ବ୍ଲକରେ ଥିବା ୭ଟି ଜୁନିୟର ଯୁକ୍ତ ୨ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୧୯୮୮ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮୧୦ଜଣ ନାମ ଲେଖାଇଛନ୍ତି। ସେହିପରି ୩ଟି ସଂସ୍କୃତ ମହାବିଦ୍ୟାଳୟରେ ୧୦୪ ଜଣଙ୍କ ମଧ୍ୟରୁ ୮୫ଜଣ ନାମ ଲେଖାଇଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଗତ ୨ ତାରିଖରେ କଟଅଫ୍ ମାର୍କ ପ୍ରକାଶ ପାଇଥିଲା। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ୩ ତାରିଖଠାରୁ ୮ ତାରିଖ ମଧ୍ୟରେ ନାମ ଲେଖାଇଛନ୍ତି। ତେବେ ନାମ ଲେଖାଇବାରୁ ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ର ମଙ୍ଗଳବାର ମଧ୍ୟ ନାମଲେଖାଇ ପାରିବେ ବୋଲି କଲେଜ ଅଧକ୍ଷମାନେ ସୂଚନା ଦେଇଛନ୍ତି। ଧର୍ମଶାଳା ମହାବିଦ୍ୟାଳୟରେ କଳାରେ ୨୫୨ଜଣଙ୍କ ମଧ୍ୟରୁ ୨୪୩ଜଣ, ବିଜ୍ଞାନରେ ୧୯୦ରୁ ୧୭୨ ଜଣ, ବାଣିଜ୍ୟରେ ୨୬ଜଣଙ୍କ ମଧ୍ୟରୁ ୨୫ ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର କଲେଜ କଳାରେ ୨୫୬ରୁ ୨୩୦ ଜଣ, ବିଜ୍ଞାନରେ ୧୫୦ରୁ ୧୪୫ ଜଣ ନାମ ଲେଖାଇଛନ୍ତି। ଜଗନ୍ନାଥ ଜୀଉ ମହାବିଦ୍ୟାଳୟରେ କଳାରେ ୨୫୬ରୁ ୨୨୮ଜଣ, ବିଜ୍ଞାନରେ ୨୬ରୁ ୨୨ଜଣ ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ମହାବିଦ୍ୟାଳୟରେ କଳାରେ ୧୨୮ରୁ ୧୧୪ଜଣ ଓ ବଜ୍ରଗିରି କଲେଜରେ କଳାରେ ୩୨୦ରୁ ୨୭୭ଜଣ, ବିଜ୍ଞାନରେ ୬୪ରୁ ୫୯ଜଣ, ଜେନାପୁର କଲେଜରେ କଳାରେ ୨୫୬ରୁ ୨୩୧ ଜଣ, ରେନେସା ଘରୋଇ ମହାବିଦ୍ୟାଳୟରେ ବିଜ୍ଞାନରେ ୬୪ରୁ ୬୪ଜଣ ଛାତ୍ରୀଛାତ୍ର ନମା ଲେଖାଇଥିବା ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ଶୁଭ୍ରାଂଶୁ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ବାରବାଟି ସଂସ୍କୃତ ମହାବିଦ୍ୟାଳୟରେ ୫୧ରୁ ୪୨ଜଣ, ନରସିଂହପୁରସ୍ଥିତ ଦଧିବାମନ ଜୀଉ ମହାବିଦ୍ୟାଳୟରେ ୩୧ରୁ ୨୬ଜଣ ଓ କୋଟପୁରସ୍ଥିତ ସାରଦା ସଂସ୍କୃତ ମହାବିଦ୍ୟାଳୟରେ ୨୨ରୁ ୧୭ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଆସନ୍ତା ୧୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ ପାଇବ। ଏ ନେଇ ୧୫ରୁ ୧୭ ମଧ୍ୟରେ ନାମଲେଖା ହେବ ବୋଲି ଉଚ୍ଚମାଧମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ସ୍ୱପ୍ନେଶ୍ୱରପୁର କ୍ଲଷ୍ଟରରେ ବନ ମହୋତ୍ସବ

ଯାଜପୁର ଟାଉନ,୮।୭(ଡିଏନଏ): ଯାଜପୁର ବ୍ଲକର ସ୍ୱପ୍ନେଶ୍ୱରପୁର କ୍ଲଷ୍ଟରରେ ବାର୍ଷିକ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ନାୟକଙ୍କ ଅଧକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ପରିଚାଳନା କମିଟି ସଭାପତି ଉପମନ୍ୟୁ ପତି, ସିଆରସିସି ସନ୍ତୋଷ ମଲ୍ଲିକ, ପ୍ରଭାକର ସାହୁ ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡା, ବେଣୁଧର ଦାସ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ବନମହୋତ୍ସବ ପାଳନର ତାତ୍ପର୍ଯ୍ୟ ଏବଂ ଏହାର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାପରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ପକ୍ଷରୁ ବିଦ୍ୟାଳୟ ପରିସରରେ ଚାରାରୋପଣ ଓ ଏହାର ଯତ୍ନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଶେଷରେ ଶିକ୍ଷକ ତଥା ପରିବେଶବିତ୍ ପର୍ଶୁରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତୀୟ ଏକାଡେମୀ ପକ୍ଷରୁ ଚାରା ବଣ୍ଟନ

ଧର୍ମଶାଳା,୮।୭(ଡି.ଏନ୍.ଏ.): ଭାରତୀୟ ଏକାଡେମୀ ଜାରକା ଶାଖା ଅନୁକୂଲ୍ୟରେ ସୋମବାର ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସଂଯୋଜିକା ଲକ୍ଷ୍ମୀ ଖମାରୀ ଜାରକାର ଇନହ୍ୱିଲ କ୍ଲବ ସଦସ୍ୟାମାନଙ୍କୁ ଚନ୍ଦନ, ନିମ୍ବ ଓ ବିଭିନ୍ନ ଔଷଧୀୟ ଚାରା ବଣ୍ଟନ କରିଛନ୍ତି। ଇନରହ୍ୱିଲ କ୍ଲବର ପ୍ରାକ୍ତନ ସଭାନେତ୍ରୀ ମିନତୀ ସାହୁ, ଅର୍ଚ୍ଚନା ସ୍ୱାଇଁ, ଇନ୍ଦୁପ୍ରଭା ସାମଲ, ସମ୍ପାଦିକା ଲୋପାମୁଦ୍ରା ସଣ୍ଢ, ମିନତୀ ମହାନ୍ତି ପ୍ରମୁଖ ବହୁ ସଦସ୍ୟା ଯୋଗଦେଇ ଚାରାଗୁଡିକ ଗ୍ରହଣ କରିଥିଲେ।

## ମାର୍କଣ୍ଡପୁର ପ୍ୟାକ୍ସରେ ଦୁର୍ନୀତି ପ୍ରସଙ୍ଗ

# ୱେବ୍‌ସାଇଟରୁ ତଥ୍ୟ ଗାଏବ

- ସିଏସଓଙ୍କୁ ଚାଷୀ ପଞ୍ଜୀକରଣ ରିପୋର୍ଟ ପାଇଁ ପତ୍ର
- ବ୍ୟାଙ୍କକୁ ମଗାଯାଇଛି ଆକାଉଣ୍ଟ ତଥ୍ୟ
- ୨୦ରେ ହାଇକୋର୍ଟରେ ହାଜର ପାଇଁ ତନାଘନା
- ୯୨ ଏକର ଜମିରେ ହୋଇଥିଲା ଚାଷ

ଯାଜପୁର ଅଫିସ,୮।୭

ଯାଜପୁର ବ୍ଲକ ମାର୍କଣ୍ଡପୁର ପ୍ୟାକ୍ସରେ ଗୋଟିଏ ପରିବାରର ୪ ଜଣ ଚାଷୀଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ କିଣା ମାମଲାର ତଦନ୍ତ ଜୋର ଧରିଛି। ୫ଜଣ ଚାଷୀଙ୍କ ଅଭିଯୋଗ କ୍ରମେ ହାଇକୋର୍ଟରେ ହୋଇଥିବା ମାମଲାର ପରବର୍ତ୍ତୀ ତାରିଖରେ ଆବଶ୍ୟକ ତଥ୍ୟ ସହ ଉପସ୍ଥିତ ହେବା ପାଇଁ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଯାଜପୁର ମଣ୍ଡଳ (ଏଆରସିଏସ) ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏହିକ୍ରମରେ ଏଆରସିଏସ ଶରତ ମଲ୍ଲିକ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ)ଙ୍କୁ ସମ୍ପୃକ୍ତ ୪ଜଣ ଚାଷୀଙ୍କ ପଞ୍ଜୀକରଣ, ଅନଲାଇନ ରିପୋର୍ଟ ସହ ଜମି ସଂକ୍ରାନ୍ତ ତଥ୍ୟ ଦେବାକୁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ୩ଥର ତଥ୍ୟ ଦେବାକୁ ସିଏସଓଙ୍କୁ ପତ୍ର ଦେଇଥିବା ଜଣାପଡିଛି। ତେବେ ବିଭାଗୀୟ ୱେବସାଇଟରୁ ତଥ୍ୟ ଉଭାନ ହୋଇଯାଇଥିବାରୁ ତାହା ଏବେ ଏଆରସିଏସ୍ ଓ ସିଏସ୍‌ଓଙ୍କୁ ଅଡୁଆରେ ପକାଇଛି। ଆସନ୍ତା ୨୦ତାରିଖରେ କେଉଁ ତଥ୍ୟ ଧରି ହାଇକୋର୍ଟରେ ଉପସ୍ଥିତ ରହିବେ ସେ ନେଇ ଅଧିକାରୀମାନେ ଚିନ୍ତାରେ ପଡିଯାଇଛନ୍ତି। ଏହି ତଥ୍ୟକୁ ଜଣେ ପୂର୍ବତନ ଏଆରସିଏସ୍ ଜାଣିଶୁଣି ଡିଲିଟ୍ କରି ଦେଇଥିବା ସନ୍ଦେହ କରାଯାଉଛି।

ମାର୍କଣ୍ଡପୁର ମହାପୁରୁଷ ବିଦ୍ୟାପୀଠ ସ୍କୁଲର ରାତି ଜଗୁଆଳୀ ଭାବେ ଦିଲୀପ କୁମାର ରାଉତ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ତ୍ରୀ କବିତା ମାର୍କଣ୍ଡପୁର ସମବାୟ ସମିତିର ସଭ୍ୟା ଅଟନ୍ତି। ତାଙ୍କର ଦୁଇପୁତ୍ର ଦୀପକ ଓ ତପନ । ଏମାନେ ମୋଟ ୧୧୧୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ତେବେ ୨୦୧୫ରେ ଏମାନଙ୍କ ଜମିର ପରିମାଣ କେତେ ଥିଲା ଏବଂ କେତେ ଧାନ ବିକ୍ରି କରିଛନ୍ତି ସେ ସମ୍ପର୍କରେ ତଦନ୍ତ କରିବାକୁ ମାର୍କଣ୍ଡପୁର ଗ୍ରାମର ରାମଚନ୍ଦ୍ର ଜେନା, କମଳପୁର ଗ୍ରାମର ଦୟାନିଧି ସାହୁ ଓ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର, ମାର୍କଣ୍ଡପୁର ଗ୍ରାମର ଦିଲୀପ କୁମାର ମହାପାତ୍ର ଓ ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ଦାବି କରିଥିଲେ। ଦିଲୀପ ଆକାଉଣ୍ଟ ନମ୍ବର ୧୧୩୦୯୦୮୩୦୩୪ (ଆଇଏଫଏସସି କୋଡ-ଏସବିଆଇଏନ ୦୦୦୦୦୯୪)ରେ ୨୪୩ କୁଇଣ୍ଟାଲ, କବିତା ରାଉତ ଆକାଉଣ୍ଟ ନମ୍ବର ୧୫୭୦୦୧୦୧୧୦୪୦୪୯ (ଆଇଏଫଏସସି କୋଡ-ୟୁସିବିଏ ୦୦୦୧୫୭୦) ରେ ୨୭୦ କୁଇଣ୍ଟାଲ, ଦୀପକ ଆକାଉଣ୍ଟ ନମ୍ବର ୧୫୭୦୦ ୧୧୦୦୦୧୪୦୦ (ଆଇଏଫଏସସି କୋଡ-ୟୁସିବିଏ ୦୦୦ ୧୫୭୦)ରେ ୨୯୬ କୁଇଣ୍ଟାଲ ଏବଂ ତପନଙ୍କ ଆକାଉଣ୍ଟ ନମ୍ବର ୧୫୭୦୦୧୧୦୦ ୪୧୩୧ (ଆଇଏଫଏସ୍‌ସି କୋଡ-ୟୁସିବିଏ ୦୦୦୧୫୭୦)ରେ ୩୦୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଅର୍ଥାତ ଏକର ପିଛା ୧୨କୁଇଣ୍ଟାଲ ଧାନ ବିକ୍ରି ଅନୁସାରେ ସେହି ବର୍ଷ ଏହି ପରିବାରର ୪ଜଣ ସଦସ୍ୟଙ୍କ ଦ୍ୱାରା ୯୨ ଏକର ଜମିରେ ଚାଷ କରାଯାଇଥିଲା । ଏହି ଜମିର ସବିଶେଷ ତଥ୍ୟ ଜିଲା ଯୋଗାଣ କାର୍ଯ୍ୟାଳୟରୁ ଦାଖଲ କରାଯାଇ ପାରିନାହିଁ। ଏପରିକି ସମ୍ପୃକ୍ତ ତହସିଲଦାର ଏବଂ ରାଜସ୍ୱ ନୀରିକ୍ଷକଙ୍କ ପକ୍ଷରୁ ଜମି ସଂକ୍ରାନ୍ତୀୟ ତଥ୍ୟ ଦାଖଲ କରିବାରେ ଅବହେଳା କରାଯାଇଛି। ଏପରିକି ସମ୍ପୃକ୍ତ ବ୍ୟାଙ୍କଙ୍କୁ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ଏଆରସିଏସ୍ ଅନୁରୋଧ କରିଥିଲେ ହେଁ ସେ ତାହା ପାଇ ପାରିନାହାନ୍ତି। ମିଳିମିଶି ଚାଷୀଙ୍କ ନାମରେ ଏଭଳି ଚଞ୍ଚକତା କରି କେବଳ ଗୋଟିଏ ପରିବାରର ଏହି ୪ଜଣ ସଦସ୍ୟଙ୍କ ନାମରେ ନୁହେଁ ଶତାଧିକ ଚାଷୀଙ୍କ ନାମରେ କୋଟି କୋଟି ଟଙ୍କା ହରିଲୁଟ କରାଯାଇଛି । ଏବେ ମଧ୍ୟ ଚାଷୀଙ୍କ ନାମରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ସରକାରଙ୍କ କୋଟି କୋଟି ଟଙ୍କା ସେବା ସମବାୟ ସମିତିର କର୍ମକର୍ତ୍ତା ଚଳୁ କରୁଥିବା ଅଭିଯୋଗ ହୋଇଛି। ଦଶରଥପୁର ବ୍ଲକ ମଙ୍ଗଳପୁର, ଧର୍ମଶାଳା ବ୍ଲକ ମହିସରା, ରସୁଲପୁର ବ୍ଲକର ବ୍ରହ୍ମବରଦା, କୋରେଇ ବ୍ଲକର ବନ୍ଦାଳ ଆଦି ପାକ୍ସରେ କୋଟି କୋଟି ଟଙ୍କାର ଜାଲିଆତି ହୋଇ ଆସୁଥିଲେ ହେଁ ଦୁର୍ନୀତି ତଦନ୍ତ ବାଟବଣା ହେଉଛି। ପ୍ରମୁଖ ବିରୋଧି ଦଳଗୁଡିକ ଏଭଳି ଅନୀତି, ଦୁର୍ନୀତି ଓ ଚଞ୍ଚକତା ନେଇ ପାଟି ଖୋଲୁ ନାହାନ୍ତି। ଏଥିଯୋଗୁ ଜିଲାରେ ଶାସନ ଲକ୍ଷ୍ୟଭ୍ରଷ୍ଟ ହେଉଛି। ଏଥିରେ ଜିଲାର ଏକ ପ୍ରଭାବଶାଳୀ ରାଜନୈତିକ ଗୋଷ୍ଠୀଙ୍କ ପରୋକ୍ଷ ହାତ ଥିବାରୁ ପ୍ରଶାସନ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି। ତେବେ ମାର୍କଣ୍ଡପୁର ପାକ୍ସ ଦୁର୍ନୀତି ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟ ଉପରେ ଚାଷୀକୂଳ ଉତ୍କଣ୍ଠାର ସହ ଅପେକ୍ଷାରେ ରହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ଶରତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ହାଇକୋର୍ଟର ପରବର୍ତ୍ତୀ ତାରିଖରେ ଉପସ୍ଥିତ ରହିବାକୁ ବିଭାଗ ପକ୍ଷରୁ ସମସ୍ତ ତଥ୍ୟ ହାସଲ କରିବା ଦିଗରେ ଉଦ୍ୟମ ଜାରି ରଖିଛି । ଏ ନେଇ ବିଭାଗୀୟ ୱେବସାଇଟରେ ଆବଶ୍ୟକ ତଥ୍ୟ ମିଳୁ ନ ଥିବାରୁ ରିପୋର୍ଟ ଦାଖଲ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଏଥିପାଇଁ ସିଏସଓଙ୍କ ସହଯୋଗ ମଧ୍ୟ ନିଆଯାଉଛି। ବ୍ୟାଙ୍କରୁ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ମଗାଯାଇଛି ବୋଲି ସେ କହିଛନ୍ତି ।

### ବ୍ୟାସସରୋବରରେ ରଥ ଚକ ଭାଙ୍ଗିବା ଘଟଣା
### ୧୭ ସୁଦ୍ଧା ଅଭିଯୋଗ କରିପାରିବେ ଜନସାଧାରଣ

ଯାଜପୁରରୋଡ,୮।୭(ନି.ପ୍ର.)

ବ୍ୟାସସରୋବର ପୀଠରେ ଗତ ୪ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ହେଲେ କିଛିବାଟ ରଥ ଗଡ଼ିବା ପରେ ଚକ ଭାଙ୍ଗିଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାର ତଦନ୍ତ କରିବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତଥା ପୌର ପ୍ରଶାସକ ସନ୍ତୋଷ କୁମାର ମିଶ୍ର ୫ ତାରିଖରେ ପୌର ନିର୍ବାହୀ ଅଧିକାରୀ ସପନ ନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବିଷୟରେ ଯଦି କାହାର କୌଣସି ଅଭିଯୋଗ ଥାଏ, ସେମାନେ ୧୭।୭।୨୦୧୯ ମଧ୍ୟରେ ପୌର କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ କରିବେ। କୌଣସି ବ୍ୟକ୍ତି ମୌଖିକ ଦେବାକୁ ଚାହିଁଲେ, ସେମାନେ ୧୭ ତାରିଖରେ ୧୧ଟାରୁ ଅପରାହ୍ଣ ମଧ୍ୟରେ ନିର୍ବାହୀ ଅଧିକାରୀଙ୍କୁ ଆପତ୍ତି କରିପାରିବେ। ଏ ସମ୍ପର୍କରେ ପୌର ପରିଷଦ ପକ୍ଷରୁ ପତ୍ର ନଂ-୪୧୩/୦୮।୦୭।୨୦୧୯ରେ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଇଛି।

## ପରୀକ୍ଷା କେନ୍ଦ୍ରକୁ ଯିବାବେଳେ ଦୁର୍ଘଟଣାରେ ଛାତ୍ର, ଶିକ୍ଷକ ଆହତ

# ବୋର୍ଡ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଅଭିଭାବକ

**ପରୀକ୍ଷା କେନ୍ଦ୍ର ଚୟନରେ ନିୟମ ଉଲ୍ଲଂଘନ ଅଭିଯୋଗ**

ରସୁଲପୁର,୮।୭(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ହିଙ୍ଗୁଳା ଗୋପାଳପଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହିମାଂଶୁ ଦେବ ଗୁରୁ ଓ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଚଗୁଲ ମଲିକ(୧୫) ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଛନ୍ତି। ଦୁର୍ଘଟଣା ପାଇଁ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷିକାଶିକ୍ଷକ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ପରୀକ୍ଷାକେନ୍ଦ୍ର ଚୟନରେ ନିୟମ ଉଲ୍ଲଂଘନ ହୋଇଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ପ୍ରକାଶ ଯେ, ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ଚୟନ ନିଷ୍ପତ୍ତିରେ ବାରମ୍ବାର ପରିବର୍ତ୍ତନ ଘଟୁଛି। ଏକଦା ବୋର୍ଡ ପକ୍ଷରୁ ପିଲାଙ୍କ ସୁବିଧା ଦୃଷ୍ଟିରୁ ପରୀକ୍ଷାର୍ଥୀ ନିଜ ବିଦ୍ୟାଳୟରେ ପରୀକ୍ଷା ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ୨୦୧୮ରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ଘଟିଥିଲା। ପରୀକ୍ଷାର୍ଥୀମାନେ ନିଜ ବିଦ୍ୟାଳୟର ୫କି.ମି. ବ୍ୟାସାର୍ଦ୍ଧରେ ଅବସ୍ଥିତ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ନିୟମ ଲାଗୁହେଲା। ଏହି ନିୟମ ଏବେ ବି ବଳବତ୍ତର ରହିଛି। ହେଲେ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀଙ୍କ କ୍ଷେତ୍ରରେ ବୋର୍ଡ କର୍ତ୍ତୃପକ୍ଷ ଏହି ନିୟମ ପାଳନ କରୁନାହାନ୍ତି । ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରୀକ୍ଷା କେନ୍ଦ୍ରଗୁଡିକ ମୂଳ ବିଦ୍ୟାଳୟଠାରୁ ୫ କି.ମି. ବଦଳରେ ୨୫କି.ମି. ଦୂରତାରେ ସ୍ଥିର କରାଯାଇଛି। ଏହି ବିଦ୍ୟାଳୟର ପରୀକ୍ଷାକେନ୍ଦ୍ର ଯାଜପୁର ଜିଲା ଉଚ୍ଚ ବିଦ୍ୟାଳୟକୁ ସ୍ଥିର କରାଯାଇଛି। ସକାଳ ୯ଟା ସୁଦ୍ଧା ପରୀକ୍ଷାର୍ଥୀମାନେ କେନ୍ଦ୍ରରେ ପ୍ରବେଶ କରିବାକୁ ନିର୍ଦ୍ଦେଶ ରହିଛି। ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନେଇ ତରବରିଆ ଭାବେ ପରୀକ୍ଷା କେନ୍ଦ୍ରକୁ ଯାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନୁରୂପ ସ୍ଥିତି ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଘଟୁଛି । ଏହି ଘଟଣାକ୍ରମରେ ବିଦ୍ୟାଳୟର ୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ କେନ୍ଦ୍ରକୁ ଯାଇଥିଲେ। ଉକ୍ତ ପରୀକ୍ଷାର୍ଥୀଙ୍କୁ ଚିହ୍ନଟ କରିବା ପାଇଁ ବିଜ୍ଞାନ ଶିକ୍ଷକ ହିମାଂଶୁ ସ୍କୁଟିରେ କେନ୍ଦ୍ରକୁ ଯାଉଥିଲେ। କୁଆଖିଆ-ଯାଜପୁର ଟାଉନ ରାସ୍ତାର ବୁଢା ନଦୀ ପୋଲ ନିକଟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ଶିକ୍ଷକଙ୍କ ହାତ ଭାଙ୍ଗି ଯାଇଛି। ସେ ଏବେ କଟକର ଏକ ଘରୋଇ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେହିପରି ଛାତ୍ର ଚଗୁଲୁ ଅଭିଭାବକଙ୍କ ସହ ପରୀକ୍ଷା କେନ୍ଦ୍ରକୁ ବାଇକ୍‌ରେ ଯାଉଥିଲେ। ବାଟରେ ବରୁଆଁ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ତାଙ୍କ ଗୋଡ ଭାଙ୍ଗିଯାଇଛି। ଫଳରେ ସେ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ର ଚୟନରେ ଅସନ୍ତୁଷ୍ଟ ହୋଇ ବହୁ ପରୀକ୍ଷାର୍ଥୀ ପରୀକ୍ଷା ବର୍ଜନ କରିବାକୁ ନିଷ୍ପତ୍ତି ନେଉଥିବା ଜଣାପଡ଼ିଛି। ବର୍ଷା ସାଙ୍ଗକୁ ଦୂର ସ୍ଥାନରେ ପରୀକ୍ଷାକେନ୍ଦ୍ର ଚୟନ ହୋଇଥିବାରୁ ପିଲା ଓ ଅଭିଭାବକମାନେ ବିଶେଷ ପ୍ରଭାବିତ କରୁଛି । ଏ ଦିଗରେ ବ୍ଲକ ଓ ଜିଲା ଶିକ୍ଷାଧିକାରୀ ପରୀକ୍ଷା କେନ୍ଦ୍ର ଚୟନକୁ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ଉପରକୁ ଦୋଷ ଠେଲି ଦେଇଛନ୍ତି । ଏ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଦୃଷ୍ଟିହୀନ କଳାକାରଙ୍କ ଭଜନ ସନ୍ଧ୍ୟା



ଦୃଷ୍ଟିହୀନ କଳାକାରମାନେ ଭଜନ ପରିବେଷଣ କରୁଛନ୍ତି।

ଯାଜପୁର ଅଫିସ,୮।୭

ପବିତ୍ର ରଥଯାତ୍ରା ଉପଲକ୍ଷେ ଲକ୍ଷ୍ମୀମାର୍କେଟସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାଉସୀ ମା' ମନ୍ଦିରଠାରେ ସୋମବାର ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଜଗନ୍ନାଥଙ୍କ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମା' କାମୁଡେଇ ଭଜନ ସନ୍ଧ୍ୟା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଗବାନ ଜେନା, ଚନ୍ଦ୍ରମଣି ଜେନା,ମକରଧ୍ୱଜ ଜେନା,କୁବୁନ ମଲ୍ଲିକ ପ୍ରମୁଖ ଦୃଷ୍ଟିହୀନ କଳାକାର ମାନେ ସୁନ୍ଦର ସୁନ୍ଦର ଭଜନ ଗାନ କରି ଭକ୍ତଙ୍କ ମନ ମୋହିଥିଲେ। ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ଅନ୍ୟ କଳାକାରମାନେ ଏଥିରେ ସହଯୋଗ କରିଥିଲେ। ଏପରିକି ଲକ୍ଷ୍ମୀମାର୍କେଟ ରାସ୍ତାରେ ଅଟକି ବହୁ ପଥଚାରୀ ଓ ଯାତ୍ରୀ ମଧ୍ୟ ଏହି ଭଜନ ଜଣାଣକୁ ଉପଭୋଗ କରିଥିଲେ। ଲକ୍ଷ୍ମୀମାର୍କେଟର ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ**

# ୬ କେନ୍ଦ୍ରରେ ୧୩୮୩ ପରୀକ୍ଷାର୍ଥୀ

ଯାଜପୁର ଅଫିସ,୮।୭

ମ୍ୟାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଜିଲାର ୬ଟି କେନ୍ଦ୍ରରେ ୨୦୦ ବିଦ୍ୟାଳୟର ୧୩୮୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏଥିରେ ୧୦୮୫ ଜଣ ରେଗୁଲାର ଓ ୯୩ ଜଣ ଏକ୍ସରେଗୁଲାର ଥିବାବେଳେ ୨୦୫ ଜଣ ଓପନ ସ୍କୁଲ ଛାତ୍ରୀଛାତ୍ର ରହିଛନ୍ତି । ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ୮ ତାରିଖରେ ଆରମ୍ଭ ହୋଇ ୧୩ରେ ଓ ଓପନ ସ୍କୁଲର ପରୀକ୍ଷା ୮ରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଅବଗତ କରାଇଛନ୍ତି। ତେବେ ପ୍ରଥମ ଦିନ ପରୀକ୍ଷାରେ ରେଗୁଲାର ଓ ଏକ୍ସ-ରେଗୁଲାର ମୋଟ ୧୨୧୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବିଭିନ୍ନ କାରଣରୁ ୧୩୧ଜଣ ଅନୁପସ୍ଥିତ ରହିଥିବାବେଳେ ୧୦୮୭ ଜଣ ଏହି ୬ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଯାଜପୁର ଜିଲା ସ୍କୁଲରେ ୨୯୪ ଜଣଙ୍କ ମଧ୍ୟରୁ ୨୬୨ ଜଣ, ସରକାର ବାଳିକା ଉଚ୍ଚ ବିଦ୍ୟାଳୟ ଯାଜପୁର କେନ୍ଦ୍ରରେ ୨୪୦ ଜଣଙ୍କ ମଧ୍ୟରୁ ୨୦୭ ଜଣ, ବୈଷ୍ଣବ ଦତ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୫୩ରୁ ୧୩୧ ଜଣ, ମୁନିସିପାଲ ଉଚ୍ଚ ବିଦ୍ୟାଳୟରେ ୨୩୧ ଜଣ ରୁ ୨୨୦ ଜଣ, କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୩୧ ରୁ ୧୨୭ ଜଣ ଓ ମୁଗପାଳ ଉଚ୍ଚ ବିଦ୍ୟାଳୟରେ ୧୬୯ ଜଣରୁ ୧୪୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ବୋଲି ଜିଲା ଶିକ୍ଷାଧିକାରୀ ନାୟକ ସୂଚନା ଦେଇଛନ୍ତି ।

### ଟାଟା ମ୍ୟାଜିକ୍‌କୁ ଧକ୍କା ଦେଲା ବାଇକ୍, ଜଣେ ଗୁରୁତର

ଡୁବୁରୀ,୮।୭(ଡି.ଏନ୍.ଏ.): କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ବାଘବାହାଳି ଛକ ନିକଟରେ ସୋମବାର ଟାଟା ମ୍ୟାଜିକ୍‌କୁ ଏକ ବାଇକ୍ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ଗୋଡରେ ଆଘାତ ଲାଗିଛି। ଆରୋହୀ ଜଣଙ୍କ ସୁକିନ୍ଦା ଥାନା ହାତିବାରୀ ଗ୍ରାମର ବଳରାମ ସାହୁ(୪୫)। ୧୦୮ ଆମ୍ବୁଲାନ୍ସ ଆସିବାରୁ ଦୀର୍ଘ ୧ ଘଣ୍ଟା ପରେ ଟାଟା ମେଡିକା ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ଟାଟା ମ୍ୟାଜିକ ଡୁବୁରୀରୁ ଚଣ୍ଡିଖୋଲ ଯାଉଥିବାବେଳେ ଡ୍ରାଇଭର ହଠାତ୍ ବ୍ରେକ୍ ମାରିବାରୁ ଏହି ଦୁର୍ଘଟଣା ଘଟିଥିଲା।

## ସାମାନ୍ୟ ବର୍ଷାରେ ଛାତରୁ ପାଣି ଗଳୁଛି

**ଜେନାପୁର ହାଇସ୍କୁଲ**

ଜେନାପୁର,୮।୭(ଡି.ଏନ୍.ଏ.)

ଯାଜପୁର ଜଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବହୁ ପୁରାତନ ଜେନାପୁର ହାଇ ସ୍କୁଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୧୯୫୯ରେ ଗ୍ରାମବାସୀଙ୍କ ଆର୍ଥିକ ସହାୟତାରେ ବିଦ୍ୟାଳୟ ଶ୍ରେଣୀଗୃହ କାମ ଆରମ୍ଭ ହୋଇଥିଲା। ପରେ ସରକାରୀ ଉଦ୍ୟମରେ ବିଦ୍ୟାଳୟ କାମ ସମ୍ପୂର୍ଣ୍ଣ ହୋଇଥିଲା। ଏଠାରେ ବର୍ତ୍ତମାନ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୨୧ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ୧୩ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଛନ୍ତି। ଦୀର୍ଘବର୍ଷ ଧରି ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ହୋଇ ନ ପାରି ପଡିରହିଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ତିଆରି ହୋଇଥିବା ଶ୍ରେଣୀଗୃହଗୁଡିକ ମରାମତି ଅଭାବରୁ କାନ୍ଥ ଫାଟି ଯାଇଛି। ୭ମ ଓ ୮ମ ଶ୍ରେଣୀ ଗୃହ, ବାରଣ୍ଡା, ଅଫିସ କାର୍ଯ୍ୟାଳୟ ଓ ଶିକ୍ଷକଙ୍କ ସାଧାରଣ ପ୍ରକୋଷ୍ଠ ଗୃହରେ ସାମାନ୍ୟ ବର୍ଷାରେ ପାଣି ଗଳୁଛି। ଫଳରେ ପାଠପଢା ବାଧାପ୍ରାପ୍ତ ହେବା ସହ ଅନ୍ୟାନ୍ୟ ସମସ୍ୟା ଦେଖାଦେଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁଙ୍କୁ ପଚାରିବାରୁ, ଏ ବାବଦରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି। ତୁରନ୍ତ ଶ୍ରେଣୀ ଗୃହଗୁଡିକର ମରାମତି ସହ ନୂତନ ଶ୍ରେଣୀ ଗୃହ ପ୍ରତିଷ୍ଠା ପାଇଁ ସାଧାରଣରେ ଦାବି ହୋଇଛି।




# ଓଭରଲୋଡିଂ ଗାଡ଼ି ଯୋଗୁ ବଢୁଛି ଦୁର୍ଘଟଣା

ଚଣ୍ଡିଖୋଲ,୮।୭(ଡି.ଏନ.ଏ.)



- ଗାଡ଼ିଗୁଡ଼ିକ ଆବଶ୍ୟକଠାରୁ ଅଧିକ ମାଲ ପରିବହନ କରୁଛନ୍ତି
- ପରିବହନ ବିଭାଗ ଅଧିକାରୀ ଯାଞ୍ଚ କରୁ ନ ଥିବା ଅଭିଯୋଗ

ରାଜ୍ୟ ସରକାର ମୋଟରଯାନ ଆଇନରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ହେଲେ ପରିବହନ ବିଭାଗ ଏହାକୁ ଯାଞ୍ଚ କରୁ ନ ଥିବାରୁ ଜାତୀୟ ରାଜପଥରେ ଦୈନିକ ହଜାର ହଜାର ସଂଖ୍ୟାରେ ଓଭରଲୋଡିଂ ଗାଡ଼ି ଯାତାୟାତ କରୁଛି। ଏହି ଓଭରଲୋଡିଂ ଗାଡ଼ିରୁ ମାଲ ଖସି ରାସ୍ତା ଉପରେ ପଡୁଥିବାରୁ ବହୁ ସମୟରେ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି।

ଚଣ୍ଡିଖୋଲ ଦେଇ ୧୬ ଓ ୫୩ ନଂ. ଜାତୀୟ ରାଜପଥ ଯାଇଛି। ଏହି ରାଜପଥରେ ଗାଡ଼ିମାଲିକ କ୍ଷମତାଠାରୁ ଅଧିକ ପରିମାଣର ମାଲ ପରିବହନ କରୁଛନ୍ତି। ଏବେ ଅଧିକାଂଶ ୧୦ ଚକିଆ ହାଇୱାରେ କଳାପଥର ପରିବହନ କରାଯାଉଥିବା ଦେଖିବାକୁ ମିଳିଛି। ଧର୍ମଶାଳା ଅଞ୍ଚଳରୁ କଳାପଥର ଓ ଚିପ୍ସ ନେଇ ପାରାଦୀପ ଅଭିମୁଖେ ଯାଉଥିବାବେଳେ କ୍ଷମତାଠାରୁ ଦୁଇଗୁଣ ଅଧିକ ମାଲ ପରିବହନ କରାଯାଉଛି। ୬ ଚକିଆ ଟ୍ରକ ପାଇଁ ୧୦ ଟନ କ୍ଷମତା ରହିଥିଲାବେଳେ ୧୦ ଚକିଆ ଟ୍ରକ ପାଇଁ ୧୬ ଟନ କ୍ଷମତା ରହିଛି। ସେହିଭଳି ୧୦ ଚକିଆ ହାଇୱାରେ ୧୮ ଟନ ମାଲ ପରିବହନ କରିବାର ନିୟମ ଥିବାବେଳେ ଏଥିରେ ୩୦ରୁ ୩୫ ଟନ୍ ପରିବହନ ହେଉଥିବା ଅଭିଯୋଗ ହେଉଛି। ଚଣ୍ଡିଖୋଲ ଛକ ଦେଇ ଏହି ଗାଡ଼ିଗୁଡ଼ିକ ଯାତାୟାତ କରୁଥିବାବେଳେ ଏଠାରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏସବୁ ଦେଖି ନୀରବ ରହୁଥିବାରୁ ସେମାନଙ୍କ କାର୍ଯ୍ୟଧାରା ଉପରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ନିୟମ ଅନୁଯାୟୀ ସମ୍ପୃକ୍ତ ଗାଡ଼ିଗୁଡ଼ିକୁ ପରିବହନ ବିଭାଗ ଜବତ କରିବା ସହ ସେମାନଙ୍କଠାରୁ ମୋଟର ଯାନ ଆଇନ ଅନୁଯାୟୀ ଜରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ ଅଧିକାରୀ ଗାଡ଼ି ଯାଞ୍ଚ କରୁ ନ ଥିବା ଅଭିଯୋଗ ହେଉଛି। ବହୁ ବଡ଼ବଡ଼ ଠିକା କମ୍ପାନୀ ଓଭରଲୋଡିଂ ମାଲ ପରିବହନ କରୁଥିବା ଦେଖିବାକୁ ମିଳୁଛି। ଏପରିକି ଦିନ ଦ୍ୱିପ୍ରହରରେ ସମ୍ପୃକ୍ତ ଗାଡ଼ିଗୁଡ଼ିକ ଜାତୀୟ ରାଜପଥ ଦେଇ ଅତିକ୍ରମ କରୁଥିବାବେଳେ ପରିବହନ ବିଭାଗ ତରଫରୁ ସେମାନଙ୍କୁ ଯାଞ୍ଚ କରାଯାଉ ନ ଥିବା ଜଣାପଡ଼ିଛି। ଫଳରେ ସରକାରଙ୍କର ବ୍ୟାପକ ରାଜସ୍ୱ ହାନି ଘଟୁଛି। ଏହି ରାସ୍ତାରେ ଏକ ଟୋଲ୍‌ଗେଟ୍ ରହିଛି। ସେଠାରେ ଓଜନ କଣ୍ଟା ରଖାଯାଇ ଗାଡ଼ିଗୁଡ଼ିକର ଓଜନ ମଧ୍ୟ କରାଯାଉଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀଙ୍କୁ ପଚାରିବାରୁ, ସରକାରଙ୍କ ତରଫରୁ କେତେକ ନୂଆ ଗାଡ଼ିକୁ କ୍ଷମତାଠାରୁ ୧୦ ପ୍ରତିଶତ ଅଧିକ ମାଲ ପରିବହନ କରିବାର ସ୍ୱୀକୃତି ମିଳିଛି। ତେବେ ଏହାଠାରୁ ଅଧିକ ମାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇ ସେମାନଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗୋପୀନାଥପୁରରେ ମୁଗମଣ୍ଡି ଉଦ୍‌ଘାଟିତ

ବିରିଡ଼ି,୮।୭( ଡି.ଏନ.ଏ.): ବିରିଡ଼ି ବ୍ଲକ ଗୋପୀନାଥପୁର ପ୍ରାଥମିକ କୃଷିଋଣ ସମବାୟ ସମିତି ପକ୍ଷରୁ ସୋମବାର ମୁଗମଣ୍ଡି ଉଦ୍‌ଘାଟିତ ହୋଇଛି। ମାର୍କଫେଡ୍ ଦ୍ୱାରା ପରିଚାଳିତ ଏହି ମଣ୍ଡିକୁ ବିରିଡି ସହକାରୀ କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ଜଗତ୍‌ସିଂହପୁର ନୀଳମଣି ଦାସ, ସମବାୟ ସମ୍ପ୍ରସାରଣ ଅଧିକାରୀ ନିବେଦିତା ସାମଲ, ସିସିବି ବିରିଡ଼ି ଶାଖା ପରିଚାଳକ ପିନାକୀ ସିଂ, ଗୋପୀନାଥପୁର ପ୍ରାଥମିକ କୃଷ ସମବାୟ ସମିତିର ସଭାପତି ବିକ୍ରମ କେଶରୀ ସାହୁ, ସମ୍ପାଦକ ଅନ୍ତର୍ଯ୍ୟାମୀ ମୁଦୁଲି, ବୋର୍ଡ ମେମ୍ବର ଅରବିନ୍ଦ ସାହୁ, ଡିଇଓ ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

ନାଉଗାଁ,୮।୭(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅଲଣାହାଟରେ ଦୀର୍ଘଦିନ ଧରି ବୁଲାବୁଲି କରୁଥିବା ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଛି। ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ସାହୁ ଓ ବଜାର କମିଟି ସଦସ୍ୟଙ୍କ ସହାୟତାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୧୯୯୯ ମହାବାତ୍ୟା ପରଠାରୁ ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଜଣଙ୍କ କେଉଁ ଆଡୁ ଚାଲି ଆସି ଏହି ବଜାରରେ ରହୁଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ପରିଷଦ ବୈଠକ

ତିର୍ତ୍ତୋଲ,୮।୭(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କଡାଙ୍ଗ ଗ୍ରାମସ୍ଥିତ ଶ୍ରୀ ରାଧାକାନ୍ତଜୀଉଙ୍କ ମଠ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ପରିଷଦର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କଟରା, ପଟିଲୋ ଓ ଗୋପାଳପୁର ପଞ୍ଚାୟତର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଉପସ୍ଥିତ ରହି ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ ତିର୍ତ୍ତୋଲ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରାଜକିଶୋର ଦାଶ ଓ ତେନ୍ତୁଳିପଦା ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ପ୍ରଭାତ ଦାଶ ଯୋଗଦେଇ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଭ୍ୟମାନେ ଭାଇଚାରା ସୃଷ୍ଟି ସହ ସମାଜର ଉନ୍ନୟନ ଓ ସେବାମୂଳକ କାର୍ଯ୍ୟ ପାଇଁ ମତ ଦେଇଥିଲେ। ଶିକ୍ଷାବିତ ଲୋକନାଥ ବଳଙ୍କ ପ୍ରସ୍ତାବକ୍ରମେ ଦିବଙ୍ଗତ ଶିକ୍ଷାବିତ ଝଙ୍କଡଶ୍ରୀ କାଳୀପ୍ରସନ୍ନ ପରିଜା ଓ ମହିଳୋ ହାଇସ୍କୁଲର ପୂର୍ବତନ କର୍ମଚାରୀ ନିରଞ୍ଜନ ବରାଳଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ରହି ସଙ୍ଗଠନର କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ମନମୋହନ ଆଚାର୍ଯ୍ୟ, ସମ୍ପାଦକ ସାରଦା ପ୍ରସାଦ ଚଇନି ଓ କୋଷାଧକ୍ଷ ଭାବେ ଅଦ୍ୱୈତ ଚରଣ ବଳ ମନୋନୀତ ହୋଇଥିଲେ। ଆସନ୍ତା ଅଗଷ୍ଟ ମାସରେ ପରବର୍ତ୍ତୀ ବୈଠକ କରାଯିବାକୁ ସ୍ଥିର ହୋଇଥିଲା।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

ତିର୍ତ୍ତୋଲ,୮।୭(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଦାଇଁଲୋସ୍ଥିତ ବାନାମ୍ବର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଭାଜପା ତରଫରୁ ସଦସ୍ୟତା ସଂଗ୍ରହ ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜ୍ୟୋତିରଞ୍ଜନ ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମପି ବିଭୂ ପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସାରା ଦେଶରେ ଆରମ୍ଭ ହୋଇଥିବା ଦଳର ସଦସ୍ୟତା ସଂଗ୍ରହ ଅଭିଯାନରେ କର୍ମୀଙ୍କୁ ଯୋଡିବା ଦିଗରେ ସମସ୍ତଙ୍କୁ ସଚେତନ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ବିଜୟ କୁମାର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜାଫର ବେଗ୍, ୧ ନଂ ଜୋନ ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତା ସେନାପତି, ୧ନଂ ଜୋନ ଯୁବ ଭାଜପା ସଭାପତି ଦିଲୀପ ସାହୁ, ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ଚୌଧୁରୀ ବିଜୟ କୁମାର ସୂତାର, ଭାଗବତ ସାହୁ, ପ୍ରଶାନ୍ତ ପଣ୍ଡା, କୁବେର ବିଶ୍ୱାଳ, ସଂଖ୍ୟାଲଘୁ ସେଲର ଶେଖ୍ ଆଜାଦ ଅହମ୍ମଦ, ଶେଖ ଜମାଲୁଦ୍ଦିନ, ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ଜାନି ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ରହି ସଦସ୍ୟତା ସଂଗ୍ରହ ଅଭିଯାନରେ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। ପରେ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା।

# ଦେବୀ ନଦୀରୁ ବେଆଇନ ବାଲି ଉଠାଣ


ନଦୀଶଯ୍ୟାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଛି।

■ନଦୀବନ୍ଧ ପ୍ରତି ସୃଷ୍ଟି ହେଉଛି ବିପଦ

■ବିପୁଳ ରାଜସ୍ୱ ହାନି

ନାଉଗାଁ,୮।୭(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ସରକାରଙ୍କ ପକ୍ଷରୁ ୨ଟି ବାଲି ସୈରାତ ନିଲାମ ଦିଆଯାଇଛି। ତେବେ ଏହି ଦୁଇ ସୈରାତ ବ୍ୟତୀତ ଦେବୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରାଯାଉଛି। ପ୍ରତ୍ୟହ ଶହ ଶହ ଟ୍ରାକ୍ଟର ଯୋଗେ ଏସବୁ ବାଲି ଚାଲାଣ କରାଯାଉଥିବା ଦେଖିବାକୁ ମିଳୁଛି। ବାରମ୍ବାର ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କେବଳ ଲୋକ ଦେଖାଣିଆ ଭାବେ କେତେବେଳେ କେମିତି ଚଢ଼ାଉ କରାଯାଉଛି। ଫଳରେ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ହେଉଥିବାବେଳେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ଏହି ବ୍ଲକର ବଛାଳୋ, ରୋହିଆ, ଓଷକଣା ପଞ୍ଚାୟତର ଭଟଣା ଗ୍ରାମ ନିକଟସ୍ଥ ନଦୀ ପଠାରୁ ପ୍ରତ୍ୟେହ ଶହ ଶହ ଟ୍ରାକ୍ଟର ବାଲି ବେଆଇନ୍ ଭାବେ ଚାଲାଣ ହେଉଛି। ମାଫିଆମାନେ ଦିନରାତି ଏଠାରୁ ବାଲି ଉତ୍ତୋଳନ କରୁଛନ୍ତି। ବିଭିନ୍ନ ସ୍ଥାନରେ ଠିକାଦାର କରୁଥିବା ରାସ୍ତା ଓ ଘର କାମରେ ଏସବୁ ବାଲି ବ୍ୟବହାର କରାଯାଉଛି। ସାମବାର ସନ୍ଧ୍ୟାରେ ଭଟଣା ଗ୍ରାମ ନିକଟରେ ବାଲି ଚାଲାଣ ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ମାତ୍ର ଗୋଟିଏ ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ଅନ୍ୟ ସବୁ ଟ୍ରାକ୍ଟର ଖସି ପଳାଇଥିଲେ। ବେଆଇନ ଭାବେ ବାଲି ଚାଲାଣ ଯୋଗୁ ନଦୀପଠାଖୋଳି ହୋଇ ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି। ଏଥିସହ ନଦୀ ପଠାରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହେଉଛି। ଏଭଳି ବାଲି ଉତ୍ତୋଳନ ଯୋଗୁ ଆଗକୁ ବନ୍ୟା ପାଣି ଆସିଲେ ତାହା ସିଧାସଳଖ ନଦୀବନ୍ଧରେ ପିଟି ହେବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ବର୍ଷାଦିନ ଯୋଗୁ ବାଲି ମାଫିଆମାନେ ଗାଁ ଖେଳ ପଡ଼ିଆଠାରୁ ଆରମ୍ଭ କରି ମନ୍ଦିର ପ୍ରାଙ୍ଗଣରେ ଆଗୁଆ ବାଲି ଗଦା କରି ଗଚ୍ଛିତ ରଖୁଛନ୍ତି। ଏହି ବାଲି ବିନା ଟ୍ରାଞ୍ଜିଟ୍ ପରିମିଟ୍‌ରେ ନିକଟସ୍ଥ ପୁରୀ ଜିଲାକୁ ଚାଲାଣ ହେଉଛି। ଏହା ଉପରେ ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କର ନ ଥିବା ଅଭିଯୋଗ ହେଉଛି। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ତହସିଲଦାର ଜେ. କଳ୍ପନା କହିଛନ୍ତି ଯେ, ଜବତ ହୋଇଥିବା ଟ୍ରାକ୍ଟରଠାରୁ ସର୍ବନିମ୍ନ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯିବ। ଏଥିସହ ବେଆଇନ୍ ବାଲି ଚାଲାଣ ରୋକିବାକୁ ଆଗାମୀ ଦିନରେ ଚଢ଼ାଉ ଜାରି ରହିବ।

## ବିଦ୍ୟୁତ୍ ତାର ଲାଗି ଗାଈ, ବାଛୁରୀ ମୃତ
# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଜଗତ୍‌ସିଂହପୁର ଅଫିସ, ୮।୭


ଲୋକେ ରାସ୍ତାରେ ମୃତ ଗାଈ ରଖି ପ୍ରତିବାଦ ଜଣାଉଛନ୍ତି

ସୋମବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ତୁଳସୀ ଗାଦି ନିକଟରେ ବିପଦସଙ୍କୁଳ ଅବସ୍ଥାରେ ପାଣିରେ ପଡିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ଗାଈ ଓ ବାଛୁରୀର ମୃତ୍ୟୁ ହୋଇଥିଲା। ଏହାପରେ କ୍ଷତିପୂରଣ ଦାବିରେ ଜଗତ୍‌ସିଂହପୁର-ବାଲିକୁଦା ମୁଖ୍ୟ ରାସ୍ତାର ଉକ୍ତ ସ୍ଥାନରେ ପାଖାପାଖି ୨ ଘଣ୍ଟା ରାସ୍ତାରୋକୋ ହୋଇଥିଲା। କିନ୍ତୁ ସେସୁ କିମ୍ବା ଠିକା ସଂସ୍ଥା ଏନ୍‌ଜେନ୍ ଗ୍ଲୋବାଲ ସଲ୍ୟୁଶନ୍ ପକ୍ଷରୁ ଆନ୍ଦୋଳନସ୍ଥଳରେ କେହି ପହଞ୍ଚିବାକୁ ସାହାସ କରି ନ ଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲା। ଥାନାରେ ଏନ୍‌ଜେନ୍ କର୍ମଚାରୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ପରେ ଘଟଣାର ସମାଧାନ ହୋଇଥିଲା। ଏନ୍‌ଜେନ୍ ଯନ୍ତ୍ରୀ ୩୦ ହଜାର ଟଙ୍କା କ୍ଷତିପୂରଣ ଦେଲେ ଆନ୍ଦୋଳନ ହଟିବ ବୋଲି ଆନ୍ଦୋଳନକାରୀ ଦାବି କରିଥିଲେ। ଏନ୍‌ଜେନ୍ ଯନ୍ତ୍ରୀ ୧୫ ହଜାର ଟଙ୍କା ଦେଇ ମାମଲା ରଫାଦଫା କରିଥିଲେ। ଆନ୍ଦୋଳନକାରୀଙ୍କ କହିବା କଥା ହେଲା, ଜାତୀୟ ରାଜପଥ ପାର୍ଶ୍ୱରେ ଚାଷ ଜମି ଅଛି। ବର୍ଷା ଯୋଗୁ ଏହି ଜମିରେ ପାଣି ଜମିଯାଇଛି। କୌଣସିମତେ ବିଦ୍ୟୁତ ତାର ଛିଡି ପାଣିରେ ପଡିଥିଲା। ପ୍ରଥମେ ଏକ ବାଛୁରୀ ଏହି ତାର ସଂସ୍ପର୍ଶରେ ଆସି ଚିତ୍କାର କରିବାରୁ ନିକଟରେ ଥିବା ତାର ମା' ଧାଇଁ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ସୌଭାଗ୍ୟ କୌଣସି ଲୋକ ତାର ସଂସ୍ପର୍ଶରେ ଆସି ନ ଥିଲେ। ଏହା ଦେଖି ଲୋକେ ସେଠାରେ ସ୍ୱତଃପ୍ରବୃତ୍ତଭାବରେ ଗୁଣ୍ଡ ହୋଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିରେ ବିଜୁ ଯୁବବାହିନୀର ମୁକ୍ତି ବିନୋଦ ବେହେରା, ବଜେନ୍ଦ୍ର ଭଞ୍ଜ, ଲକ୍ଷ୍ମୀନାରାୟଣ ଭଞ୍ଜ, ଅରବିନ୍ଦ ଦଳାଇ, ଅମ୍ବଜ ଦଳାଇ, ବିଶ୍ୱଜୀତ ଖଟୁଆ, ସନ୍ତୋଷ ଦାସ, ରାକେଶ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ। ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକିଥିଲା। ଖବର ପାଇ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇ ନ ଥିଲେ। ପରେ ଥାନାରେ ମାମଲା ରଫାଦଫା ହୋଇଥିଲା।

## ■ କୁଜଙ୍ଗରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି
# ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ସ୍ଥାନାନ୍ତର କରିବାକୁ ଦାବି


ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

କୁଜଙ୍ଗ,୮।୭(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକରେ ସୋମବାର ନୂତନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପ୍ରଥମ ଜନଶୁଣାଣି ସ୍ଥାନୀୟ ସୂଚନା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୪୯ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ସମ୍ପର୍କିତ ୯୨ଟି, ରାଶନ କାର୍ଡ ସମ୍ବନ୍ଧୀୟ ୮, ଭତ୍ତା ୯, ଆଇନ ସହାୟତା ୪, ପାନୀୟଜଳ ସମସ୍ୟା ସମ୍ପର୍କିତ ୫, ଜମିଜମା ସମସ୍ୟା ୭, ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୨୨ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ପର୍କିତ ୩ଟି ଅଭିଯୋଗ ହୋଇଥିଲା। ଜିଲାପାଳ ତୁରନ୍ତ ଗୋଟିଏ ଅଭିଯୋଗ ସମାଧାନ କରିଥିଲେ। ଏହି ଅବସରରେ ଭୂତମୁଣ୍ଡାଇଠାରେ ପାରାଦୀପ ବନ୍ଦର ପକ୍ଷରୁ ହେବାକୁ ଥିବା ଟ୍ରକ୍ ଟର୍ମିନାଲ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ସମିତିର ମୁଖ୍ୟ ଆବାହକ ରଘୁନାଥ ସାହୁ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଏହାକୁ ଜନବସତିଠାରୁ ଦୂରରେ କରିବାକୁ ଜିଲାପାଳଙ୍କୁ ଜଣାଇଥିଲେ। ୨୦୧୨ରେ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ) ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧିଙ୍କ ସମ୍ମତି କ୍ରମେ ମହାନଦୀ ଓ ତାଳଦଣ୍ଡା କେନାଲ ମଧ୍ୟବର୍ତ୍ତୀ ୬୫ ଏକର ଜାଗାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ମାତ୍ର ୨୦୧୮ରେ ସ୍ଥାନୀୟ ଲୋକଙ୍କୁ ଏ ସମ୍ପର୍କରେ ନ ଜଣାଇ ଭୁତମୁଣ୍ଡାଇଠାରେ ଉକ୍ତ ଟର୍ମିନାଲ ନିର୍ମାଣ କରିବାକୁ ଉଦ୍ୟମ କରାଯାଉଛି। ଏହି ସ୍ଥାନରେ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ଆଞ୍ଚଳିକ ସୁରକ୍ଷା ସମିତି ଦାବି କରିଆସୁଛି। କିନ୍ତୁ ଏଥିପ୍ରତି ଦୃଷ୍ଟି ନ ଦେଇ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଉଦ୍ୟମ ଚାଲିଥିବାରୁ ସମିତି ବିରୋଧ କରିଥିଲା। ଜିଲାପାଳ ବ୍ୟକ୍ତିଗତ ଭାବେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି କହିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସପି ସୁଧା ସିଂ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, କୁଜଙ୍ଗ ତହସିଲଦାର ରମେଶ ପଣ୍ଡା, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମଶାଳା

ରଘୁନାଥପୁର, ୮।୭(ଡି.ଏନ୍.ଏ.)

ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ପକ୍ଷରୁ ରଘୁନାଥପୁର ପଞ୍ଚାୟତ ସମିତି ସଭା କକ୍ଷରେ ପଞ୍ଚାୟତସ୍ତରୀୟ ସଘନ କାର୍ଯ୍ୟକ୍ରମ ପାଇଁ ଏକ ଦିନିକିଆ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଏଲ୍‌ଏମ୍, ବିପିଏମ୍ କଳ୍ପନା ଦଳାଇଙ୍କ ପରିଚାଳନାରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ ମୁଖ୍ୟଅତିଥି, ବିଡିଓ ପଞ୍ଚାନନ ପଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି, ପିଏ ଦେବାଶ୍ରୀତା ପରିଡ଼ା, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ବିଡିଓ ପଟାୟତ ଟିପଣୀ ରଖିଥିବାବେଳେ ଓଏଲ୍‌ଏମ୍ ଜିଲା ପ୍ରକଳ୍ପ ଅଧିକାରୀ ଅଜୟ କୁମାର ନାୟକ ଓ ଏପିଡ଼ି ସୌମ୍ୟରଞ୍ଜନ ବିଶ୍ୱାଳ ଗ୍ରାମାଞ୍ଚଳ ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କ ପାଇଁ ଥିବା ସଘନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପିତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୁଆଳିପୁର, ଛପଡ଼ା, ଏରଡଙ୍ଗା, ତରିକୁନ୍ଦ, ବରାଗୋଳ, ରେଢୁଆ, ସାଦେଇପୁର ଓ ଧରାଧରପୁରରେ ଏହି କାର୍ଯ୍ୟକ୍ରମ କରାଯିବ। ଏଥିରେ ପ୍ରତ୍ୟେକ ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ମହିଳାମାନଙ୍କ ମଧ୍ୟରୁ ଏକ ପାଞ୍ଚ ଜଣିଆ ଟିମ୍ ଗଠନ କରାଯିବ। ଗ୍ରାମାଞ୍ଚଳ ମହିଳାଙ୍କ ଆର୍ଥିକ ବିକାଶ ତଥା ସ୍ୱାବଲମ୍ବୀ ହେବାକୁ ଏହି ସଘନ (ଇଣ୍ଟେନସିପ) କାର୍ଯ୍ୟକ୍ରମ କରାଯିବ। ଏହା ମହିଳାମାନଙ୍କ ପାଇ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ବିପିଏମ୍ ଦଳାଇ ମତ ରଖିଥିଲେ।

## କୋର୍ଟ ପରିସରରୁ ଅଭିଯୁକ୍ତ ଚମ୍ପଟ ମାମଲା
# ୨ କନଷ୍ଟେବଲଙ୍କୁ ନିଲମ୍ବନ କଲେ ଏସ୍‌ପି

ଜଗତ୍‌ସିଂହପୁର ଅଫିସ, ୮।୭

ଗତ ୬ ତାରିଖରେ ଜଗତ୍‌ସିଂହପୁର କୋର୍ଟ ପରିସରରୁ ଜଣେ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଇ ଚମ୍ପଟ ମାରିଥିଲେ। ସେ ହେଲେ ଜଗତ୍‌ସିଂହପୁର ଥାନା ସିଂହାରପୁରର ସୂର୍ଯ୍ୟ ସିଂହ(୧୯)। ଏନେଇ ତାଙ୍କ ବିରୋଧରେ ଥାନା ପକ୍ଷରୁ ଆଉ ଏକ ମାମଲା (ସଂଖ୍ୟା ୨୩୩/୧୯) ରୁଜୁ ହୋଇଛି। ଏହି ଘଟଣାରେ ଏସ୍‌ପି ସୁଧା ସିଂ ୨ ଜଣ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ଗୌରାଙ୍ଗ ଚରଣ ରାଉଳ ଓ ସଂଗ୍ରାମ କେଶରୀ ରାଉତ। ଦୁଇ କନ୍‌ଷ୍ଟେବଲ ଅଭିଯୁକ୍ତଙ୍କୁ କୋର୍ଟ ପରିସରରୁ ପୋଲିସ ଗାଡି ପର୍ଯ୍ୟନ୍ତ ନେଇ ଆସୁଥିବାବେଳେ ସେ ଖସି ଯିବାକୁ ସକ୍ଷମ ହୋଇଥିଲେ। ତେଣୁ କର୍ତ୍ତବ୍ୟରେ ଅବହେଳା କାରଣରୁ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଦର୍ଶାଯାଇଛି। ସୂଚନାଯୋଗ୍ୟ, ସୂର୍ଯ୍ୟ ତାଙ୍କ ଶ୍ୱଶୂର ତଥା ଏହି ଗାଁର ବିନାକର ସିଂହଙ୍କୁ ଗତ ମାସ ୪ ତାରିଖରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମାମଲା ନଂ.୨୦୪/୧୯ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତରୁ ଜଣାଯାଇଥିଲା ଯେ, ଗତ ମାସ ୪ ତାରିଖ ରାତି ପ୍ରାୟ ୧୦ଟାରେ ବିନାକର ନିଜ ଘର ସାମ୍ନାରେ ଛିଡା ହୋଇଥିବାବେଳେ ସୂର୍ଯ୍ୟ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଚାଲିଆସିବାରୁ ସୂର୍ଯ୍ୟ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସୂର୍ଯ୍ୟଙ୍କୁ ଗିରଫ କରି ଗତ ୬ ତାରିଖରେ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାର ପଠାଇବାକୁ ନିର୍ଦ୍ଦେଶ ହୋଇଥିଲା। ତେଣୁ ତାଙ୍କୁ କୋର୍ଟରୁ ପୋଲିସ ଗାଡ଼ିକୁ ନିଆଯାଉଥିବା ବେଳେ ସେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ତାଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି।

# ବିରିଡ଼ିରେ ଖୋଲିଲା ଭିଏସ୍‌ଟି ପାୱାରଟିଲର ଶୋ'ରୁମ


ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ବିରିଡ଼ି/ବାଲିଆ,୮।୭(ଡି.ଏନ.ଏ)

ତାରିଣୀ ଏଣ୍ଟର ପ୍ରାଇଜେସ ପକ୍ଷରୁ ସୋମବାର ବିରିଡ଼ି ଛକଠାରେ ଭିଏସଟିର ଏକ ପାୱାରଟିଲର ଶୋରୁମ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ବିରିଡ଼ି ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ପ୍ରୋପାଇଟର ଶରତ କୁମାର ସାହୁଙ୍କ ସମେତ ଭିଏସଟି କମ୍ପାନୀର ଜେନେରାଲ ମ୍ୟାନେଜର ଜେ.ଏନ. ଭଞ୍ଜ, ସହକାରୀ ପରିଚାଳକ ସୁବାସ ଚନ୍ଦ୍ର ନାୟକ, ପ୍ରତାପ ପ୍ରଧାନ, ସେଲ୍‌ସ ମ୍ୟାନେଜର ମାର୍କେଟିଂ ଚିନ୍ମୟ ଲେଙ୍କା, ଚାଷୀ ରବୀନ୍ଦ୍ର କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏକ କୃଷକ କର୍ମଶାଳା ହୋଇଥିଲା। ଏଥିରେ ଅଧିକାରୀମାନେ କହିଲେ ଯେ, କୃଷକଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଆବଶ୍ୟକ କୃଷି ଯନ୍ତ୍ରପାତି କିଣିଲେ ରିହାତି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆସିବ। ଏହି ସୁବିଧା ପାଇବାକୁ ହେଲେ ଚାଷୀ ନାମ ପଞ୍ଜୀକରଣ କରିବା ଆବଶ୍ୟକ। ଭୋଟ ପରିଚୟ ପତ୍ର, ଆଧାର କାର୍ଡ, ଜମିପଟ୍ଟା, ବ୍ୟାଙ୍କ ପାସବୁକ ଆଦିର ନକଲ ପ୍ରଦାନ କଲେ ପାୱାରଟିଲର କିଣିବା ପାଇଁ ବ୍ୟାଙ୍କ ସହଜରେ ଋଣ ପ୍ରଦାନ କରିବ। ସେହିପରି ଧାନରୁଆ ଯନ୍ତ୍ର, ମିନି ଟିଲର, ଧାନକଟା ଯନ୍ତ୍ର, ଧାନ ଅମଳ ଯନ୍ତ୍ର, ପାୱାରଟିଲର, ମିନିରାଇସ ମିଲ, ଶକ୍ତିମାନ ରୋଟାରୀ ଟିଲର ଆଦି କିଣିଲେ ରିହାତି ମିଳିପାରିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ।

## ■ ରେଢୁଆରେ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ
# ଡାକ୍ତର, କର୍ମଚାରୀଙ୍କ ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ରଘୁନାଥପୁର,୮।୭ (ଡି.ଏନ୍.ଏ.)


ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ସଭ୍ୟ।

ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରେଢୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନ୍ୟୁ)ରେ ସୋମବାର ରୋଗୀ କଲ୍ୟାଣ ପରିଚାଳନା ସମିତି ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଅଧ୍ୟକ୍ଷା ତଥା ଜିଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସ୍ୱପ୍ନା ସରିତା ବଳ, ପରିଷଦର ସଭ୍ୟ ତଥା ବିଡିଓ ପଞ୍ଚାନନ ପଟାୟତ, ମେଡିକାଲ ଅଫିସର ସୁକାନ୍ତ କୁମାର ଦଳାଇ, ବିପିଏମ୍ ପ୍ରଭାସ ଚନ୍ଦ୍ର ତ୍ରିପାଠୀ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଡା. ଅସପର ପରଭେଜ, ଡା. ସୁକୁମାର ଦାଶ, ନବଜ୍ୟୋତି କ୍ଲବ ସମ୍ପାଦକ କ୍ଷୀରୋଦ କୁମାର ଦାଶଙ୍କ ସମେତ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ହେବା ମାତ୍ରେ କେବଳ କାଗଜପତ୍ରରେ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିବା ସ୍ଥଳେ, ବାସ୍ତବିକ ବର୍ତ୍ତମାନ ଏହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ କାର୍ଯ୍ୟ କରୁଛି ବୋଲି କର୍ମଚାରୀମାନେ କହିଥିଲେ। କେବଳ ହାତଗଣତି ୨ରୁ ୩ ଜଣ କର୍ମଚାରୀଙ୍କୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତା ତଥା ଉଚ୍ଚ ଅଧିକାରୀଙ୍କ ମୌଖିକ ଅନୁରୋଧକୁ ସମ୍ମାନ ଜଣାଇ ଉଭୟ ଡାକ୍ତର ଏବଂ କର୍ମଚାରୀମାନେ ୨୪ ଘଣ୍ଟିଆ ଇଣ୍ଡୋର ସେବା ଯୋଗାଇ ଆସୁଛନ୍ତି। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ନ ହେବା, ଔଷଧ ପ୍ରଦାନ କରା ନ ଯିବା ଏବଂ ରାତିରେ ବିନା ଆଟେଣ୍ଡାଣ୍ଟରେ ଡାକ୍ତର ରୋଗୀ ଦେଖିବା ସମୟରେ ଅନେକ ସମସ୍ୟା ଉପୁଜୁଥିବାର କର୍ମଚାରୀମାନେ ବୈଠକରେ ଆପତ୍ତି ଉଠାଇଥିଲେ।

### ଜେନେରେଟର ପାଇଁ ପ୍ରତିଶ୍ରୁତି ରଖିଲେ ବ୍ଲକ ଅଧ୍ୟକ୍ଷା ଓ ବିଡିଓ

ଯାହାକି ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷା ନେଇ ଉଠିଥିବା ପ୍ରଶ୍ନର କୌଣସି ନିଷ୍ପତ୍ତି ବାହାରି ପାରି ନ ଥିଲା। ସେହିପରି ଡାକ୍ତର ଓ କର୍ମଚାରୀ ରହିବା ପାଇଁ ୨ଟି କ୍ୱାର୍ଟର୍ସ, ଗ୍ଲୋ ସାଇନ୍‌ବୋର୍ଡ, ଠିକା ଭିତ୍ତିରେ ଜଣେ ମାଳୀଙ୍କୁ ରଖାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରଟି ସମ୍ପୂର୍ଣ୍ଣ ଗ୍ରାମାଞ୍ଚଳ ପରିବେଶରେ ଥିବା ଓ ଅନେକ ସମୟରେ ବିଦ୍ୟୁତ୍ ଚାଲି ଯାଉଥିବାରୁ ଜେନେରେଟର ନିହାତି ଦରକାର ବୋଲି ଡା. ଦାଶ ବୈଠକରେ ପ୍ରସ୍ତାବ ଉଠାଇଥିଲେ। ଏଥିପାଇଁ ପର୍ଯ୍ୟାପ୍ତ ଅନୁଦାନ ଦରକାର ଥିବାରୁ ବ୍ଲକ ଅଧ୍ୟକ୍ଷା ଓ ବିଡିଓ ଏହାର ଦାୟିତ୍ୱ ନେବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଯେହେତୁ ବ୍ଲକ ଅଧ୍ୟକ୍ଷାଙ୍କ ନିଜସ୍ୱ ପଞ୍ଚାୟତ ହୋଇଥିବାରୁ କୌଣସି ପ୍ରକାର ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୫ କିଲୋୱାଟ୍ ଜେନେରେଟର ଯୋଗାଇ ଦେବା ପାଇଁ ଉଭୟ ବ୍ଲକ ଅଧ୍ୟକ୍ଷା ବଳ ଓ ବିଡିଓ ପଟାୟତ ପ୍ରତିଶ୍ରୁତି ରଖିଥିଲେ। ଏହାଛଡା ଅଧିକ କର୍ମଚାରୀ ଯୋଗାଇ ଦେବାକୁ ବୈଠକରେ ଅଧ୍ୟକ୍ଷତା କରୁଥିବା ମହାପାତ୍ର ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଶେଷରେ ଫାର୍ମାସିଷ୍ଟ ଜିତେନ୍ଦ୍ର କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ଡେରାବିଶ, ୮।୭ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅଧୀନ ସଲାର ଗ୍ରାମର ଗୌରାଙ୍ଗ ପଲେଇଙ୍କ ପୁଅ ସତ୍ୟପ୍ରିୟ (ମିଟୁ)ଙ୍କର ରବିବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସତ୍ୟପ୍ରିୟ ଚାନ୍ଦୋଳ ବଜାରରେ କୁକୁଡ଼ା ବ୍ୟବସାୟ କରୁଥିଲେ। ରବିବାର ରାତିରେ ସେ କୌଣସି କାର୍ଯ୍ୟରେ ନିଶ୍ଚିନ୍ତକୋଇଲି ଯାଉଥିବା ବେଳେ ରାସ୍ତାରେ ଅନ୍ୟ ଏକ ଗାଡ଼ି ସହ ତାଙ୍କ ଗାଡ଼ି ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ମେଡ଼ିକାଲ୍‌କୁ ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ତାଙ୍କ ଶବ ବ୍ୟବଚ୍ଛେଦ କରାଯିବା ସହ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁ ଯୋଗୁ ମଙ୍ଗଳବାର ଚାନ୍ଦୋଳ ବଜାର ବନ୍ଦ ରହିବ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

### ମିଳୁନାହିଁ ଦରମା: ଜିଲାପାଳଙ୍କୁ ଭେଟିଲେ ପାଚିକା

କେନ୍ଦ୍ରାପଡା ଅଫିସ, ୮।୭: ଦରମା ଦିଆଯାଉ ନ ଥିବା ଅଭିଯୋଗ କରି ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳର ବନିତା ବେହେରା ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ତୋଟାସାହି ପ୍ରାଇମେରୀ ସ୍କୁଲର ପାଚିକା ଭାବେ କାର୍ଯ୍ୟ କରନ୍ତି। ମାତ୍ର ଏହି କାର୍ଯ୍ୟ ପାଇଁ ଦରମା ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବନିତା କୁହନ୍ତିଯେ, ସ୍କୁଲରେ ପ୍ରାୟ ବର୍ଷେ ହେବ ପାଚିକା ଦାୟିତ୍ୱ ତୁଲାଇ ଆସିଛନ୍ତି। ତେବେ ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପାଚିକା କାର୍ଯ୍ୟ ବାବଦରେ ଅର୍ଥ ପ୍ରଦାନ କରୁନାହାନ୍ତି। ଜିଲାପାଳ ସମର୍ଥ ବର୍ମା ଏହି ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ଏସମ୍ପର୍କରେ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଡେରାବିଶ, ୮।୭ (ସ୍ୱ.ପ୍ର.): ଡେରାବିଶ ଶିକ୍ଷା ସର୍କଲ ଅଧୀନ ପଲେଇ ପ୍ରକଳ୍ପ ୟୁପି ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବୋଧ କୁମାର ପରିଡ଼ାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସ୍କୁଲ ପରିସରରେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷକ ଦାମୋଦର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦେବୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବ୍ଲକ ସଂଘ ସମ୍ପାଦକ ଚକ୍ରଧର ନାୟକ ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଜେନା, ରାଜ୍ୟ ଶିକ୍ଷକ ସଂଘ ନେତା ଭ୍ରମରବର ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କ୍ଷୀରୋଦଚନ୍ଦ୍ର ସାହୁ, ଅନାଦି ଚରଣ ଓଝା, ଶାନ୍ତନୁ ପଣ୍ଡା, ପ୍ରକାଶ ଚନ୍ଦ୍ର ରାଉତ, ତପନ କୁମାର ସ୍ୱାଇଁ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷକ ପରିଡ଼ାଙ୍କ ଚାକିରି ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ କାହ୍ନୁଚରଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ସୂର୍ଯ୍ୟକାନ୍ତ କର ଗୁରୁବନ୍ଦନା ଗାନ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ପରିଡ଼ାଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ପୁରାତନ ଛାତ୍ର, ପରିଚାଳନା କମିଟି ସଭ୍ୟଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ଶିଶୁକୁ ତାଲା

■ ୪ ଘଣ୍ଟା ପରେ ଉଦ୍ଧାର
■ ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିପିଓ

ପଟ୍ଟାମୁଣ୍ଡାଇ, ୮।୭ (ସ୍ୱ.ପ୍ର.)

ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଖାମଖିଆଲି କାର୍ଯ୍ୟ ଯୋଗୁ ସୋମବାର ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିବା ଜନୈକ ଶିଶୁକୁ ଅଙ୍ଗନୱାଡି ଗୃହରେ ସହାୟିକା ତାଲା ପକାଇଦେଇଥିବା ବେଳେ ୪ ଘଣ୍ଟା ପରେ ଶିଶୁଟିକୁ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଖାମଖିଆଲି ମନୋଭାବ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ଅଙ୍ଗନୱାଡି କେନ୍ଦ୍ରକୁ ସୋମବାର ସକାଳେ ସ୍ଥାନୀୟ ଶିଶୁମାନେ ଆସିଥିଲେ। ମଧ୍ୟାହ୍ନରେ ଅଙ୍ଗନୱାଡି କର୍ମୀଙ୍କ ଅନୁପସ୍ଥିତିରେ ସହାୟିକା ଜଣକ ଉକ୍ତ କେନ୍ଦ୍ରରେ ତାଲା ପକାଇ ଘରକୁ ପଳାଇଥିଲେ। ହେଲେ ଗୃହରେ ତାଲା ଦେବା ସମୟରେ ତା' ଭିତରେ ଉକ୍ତ ଗ୍ରାମର ସନ୍ତୋଷ ମଲ୍ଲିକଙ୍କ ପୁଅ ଆୟୁଷ ରହିଯାଇଥିଲେ। ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ଉକ୍ତ ଅଙ୍ଗନୱାଡି ଗୃହ ଭିତରୁ ଏକ ଛୋଟ ପିଲାର ପାଟି ଶୁଣି ସ୍ଥାନୀୟ ଲୋକେ କର୍ମୀଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ଗୃହ ଖୋଲିବା ପରେ ଆୟୁଷଙ୍କୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଆୟୁଷଙ୍କୁ ଘରକୁ ପଠାଇ ଦିଆଯାଇଛି। କିନ୍ତୁ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଏଭଳି ଦାୟିତ୍ୱହୀନ କାମ ଯୋଗୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ସିଡିପିଓ ମୁସ୍ତରୀ ବେଗମ୍‌ଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଖବର ମିଳିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।


ଉଦ୍ଧାର ଶିଶୁ ଆୟୁଷ।

# ଭାଜପା, ବିଜେଡିକୁ ଶ୍ରୀକାନ୍ତଙ୍କ ସମାଲୋଚନା

କେନ୍ଦ୍ରାପଡା ଅଫିସ, ୮।୭

ପାଟକୁରା ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଉଭୟ ଭାଜପା ଓ ବିଜେଡିକୁ ସୋମବାର ସମାଲୋଚନା କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ ଦର୍ଶାଇଛନ୍ତିଯେ, ଏହି ୨ ରାଜନୈତିକ ଦଳ ଜଣେ ପ୍ରାର୍ଥୀଙ୍କୁ ମିଳିତ ପ୍ରାର୍ଥୀଭାବେ ଘୋଷଣାକରି ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଓହରାଇ ଦିଅନ୍ତୁ। ଏହାଦ୍ୱାରା ଏହି ନିର୍ବାଚନ ସମୟକୁ ଫନୀ ଦୁର୍ଦ୍ଦଶାଗ୍ରସ୍ତଙ୍କ ଉନ୍ନତିରେ ଲଗାଯାଇପାରିବ। ଏଥିସହ ପ୍ରାର୍ଥୀଙ୍କ ପାଇଁ ଅଯଥାରେ ଗାଁ ଗଣ୍ଡାରେ ଝଗଡ଼ାହେବା ବନ୍ଦ ହୋଇଯିବ। ସେ ଉଲ୍ଲେଖ କରିଛନ୍ତି ଯେ, ପାଟକୁରା ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି ପ୍ରଚାର ହେଉଛି। ଗତ ରାଜ୍ୟସଭା ନିର୍ବାଚନରେ ଉଭୟ ଦଳ ମିଶି ୩ ଜଣଙ୍କୁ ମନୋନୀତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ବଜେଟକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା, ୧୭ ପର୍ଯ୍ୟଟନ ସ୍ଥଳକୁ ବିକଶିତ କରିବା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ରାଜ୍ୟର କୌଣସି ଗୋଟିଏ ପର୍ଯ୍ୟଟନ କ୍ଷେତ୍ର ଏଥିରେ ସ୍ଥାନପାଇନାହିଁ। ମାତ୍ର ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଚୁପ୍ ରହିବା ମିଳିତ କାର୍ଯ୍ୟକ୍ରମକୁ ସୂଚାଉଛି। ପୁରୀର ଜଗନ୍ନାଥ ମନ୍ଦିର, କୋଣାର୍କ, ରତ୍ନଗିରି- ଲଳିତଗିରି- ଉଦୟଗିରି ବୁଦ୍ଧ ସର୍କିଟ କିମ୍ବା ତଳସାରୀର ସମୁଦ୍ର ବେଳାଭୂମୀ ମଧ୍ୟରୁ ଗୋଟିଏ ନିଆଯାଇ ପାରିଥାନ୍ତା ବୋଲି ସେ ପ୍ରେସ୍ ବିଜ୍ଞପିରେ ଦର୍ଶାଇଛନ୍ତି।

■ ଜୋରଦାର ହେଲା ପ୍ରଚାର

# ପାଟକୁରାରେ ମାଳ ମାଳ ବିଜେଡି ନେତା

ଡେରାବିଶ, ୮।୭ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନ ଆଉ ମାତ୍ର ୧୧ ଦିନ ବାକି ଅଛି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ଏଠାରେ ରାଜନୈତିକ ପାଣିପାଗ ଉଷ୍ମ ରହିଥିବା ବେଳେ ଏବେ ଆହୁରି ସରଗରମ ହୋଇଛି ରାଜନୀତି। ଆସନ୍ତା ୨୦ ତାରିଖରେ ନିର୍ବାଚନ ହେବାକୁ ଥିବା ବେଳେ ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଛି। ଏହି ଆସନରେ ଭାଜପାରୁ ବିଜୟ ମହାପାତ୍ର, ବିଜେଡିରୁ ସାବିତ୍ରୀ ଅଗ୍ରୱାଲ ଓ କଂଗ୍ରେସରୁ ଜୟନ୍ତ ମହାନ୍ତିଙ୍କ ସମେତ ମୋଟ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ନିର୍ବାଚନ ସ୍ଥଗିତ ରହିବା ପରେ କଂଗ୍ରେସ ନିଷ୍କ୍ରୀୟ ଥିବା ଦେଖିବାକୁ ମିଳୁଥିଲା। ହେଲେ ଏବେ ବିଜେଡି ଓ ଭାଜପା ପ୍ରଚାର କାର୍ଯ୍ୟ ଜୋରଦାର କରିଥିବା ବେଳେ କଂଗ୍ରେସ ବି ଏଥିରେ ସାମିଲ ହୋଇଛି। ଆସନ୍ତା ବୁଧବାରଠାରୁ କଂଗ୍ରେସର ଷ୍ଟାର ପ୍ରଚାରକ ପାଟକୁରାରେ ପହଞ୍ଚି ପ୍ରଚାର କରିବେ ବୋଲି ଦଳୀୟ ପ୍ରାର୍ଥୀ ଜୟନ୍ତ ସୂଚନା ଦେଇଛନ୍ତି।

ଅନ୍ୟପଟେ ପ୍ରଚାରକୁ ଜୋରଦାର କରିବା ପାଇଁ ବିଜେଡିର ମାଳ ମାଳ ନେତା ପାଟକୁରାରେ ଡେରା ପକାଇଛନ୍ତି। ମନ୍ତ୍ରୀ ଅରୁଣ ସାହୁ, ବିଧାୟକ ରାଜକିଶୋର ଦାସ, ମୁକ୍ତିକାନ୍ତ ମଣ୍ଡଳ, ଦେବୀରଞ୍ଜନ ତ୍ରିପାଠୀ, ଉମାଶଙ୍କର ସାମନ୍ତରାୟ, ଭଦ୍ରକ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବରିଷ୍ଠ ନେତା ଜନ୍ମେଜୟ ଲେଙ୍କା ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ସେହିପରି ସୋମବାର ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭକ୍ତିମୟୀ କର ଡେରାବିଶ ବ୍ଲକ ଅଧୀନ ଗୁଆଳସିଂ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ବିଜେଡି ପ୍ରାର୍ଥୀ ସାବିତ୍ରୀଙ୍କୁ ଜିତାଇବାକୁ ନିବେଦନ କରିଛନ୍ତି। ଏହି ପ୍ରଚାର ଅଭିଯାନରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ଗୋଲକ ଚନ୍ଦ୍ର ସାହୁଙ୍କ ସମେତ ବହୁ ମହିଳା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ହେଲେ ନିର୍ବାଚନ ତାରିଖ ଘୋଷଣା ପରେ ଭାଜପାର ଜଣେ ହେଲେ ବରିଷ୍ଠ ନେତା କି ଷ୍ଟାର ପ୍ରଚାରକଙ୍କର ଏ ଯାଏଁ ପାଟକୁରାରେ ପାଦ ପଡ଼ିନି। ଦଳୀୟ ପ୍ରାର୍ଥୀ ବିଜୟ ମହାପାତ୍ର ଏକା ଏକା ପ୍ରଚାର କରୁଥିବା ଦେଖାଯାଉଛି। ସୋମବାର ବିଜୟ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତର ପ୍ରତି ଘରେ ଘରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହ ତାଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଏହି ପ୍ରଚାରରେ ଦଳର ବରିଷ୍ଠ ନେତା ବଟକୃଷ୍ଣ ସାମଲ, ମନୋରଞ୍ଜନ ଉପାଧ୍ୟାୟ, ତ୍ରିଲୋଚନ ରାଉତ, ସୁରେନ୍ଦ୍ର ମଲ୍ଲିକ, ଗଣେଶ ଚନ୍ଦ୍ର ସାମଲ, ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ପ୍ରମୁଖ ସାମିଲ ଥିଲେ। ତେବେ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ବିଭିନ୍ନ ପଞ୍ଚାୟତରେ କର୍ମୀ ସମାବେଶ କରି ଦଳୀୟ ରଣନୀତି ସଂପର୍କରେ ଆଲୋଚନା କରୁଥିବା ଦେଖାଯାଉଛି।


ପଲେଇ ପଞ୍ଚାୟତରେ ବିଜୟ ମହାପାତ୍ରଙ୍କ ପ୍ରଚାର।


ଗୁଆଳସିଂ ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ସମୀର ଦାଶ ପ୍ରଚାର କରୁଛନ୍ତି।

**ପ୍ରଚାର ମଇଦାନରେ ଏକୁଟିଆ ବିଜୟ**

# ତଦନ୍ତରେ ଶିଥିଳତା ବିରୋଧରେ ଦମ୍ପତିଙ୍କ ଧାରଣା

କେନ୍ଦ୍ରାପଡା ଅଫିସ, ୮।୭

ଟାଉନ ଥାନା ସାରଙ୍ଗ ଗ୍ରାମର ମିନତି ସାହୁଙ୍କ ଘର ଭାଙ୍ଗି ଦେବା ଓ ସ୍ୱାମୀ ସନାତନଙ୍କୁ କିଛି ଲୋକ ମାଡ଼ ମାରିବା ସମ୍ପର୍କରେ ଗତ ମେ ୮ରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଟାଉନ୍ ଥାନାରେ ମାମଲା (ନଂ- ୯୦/୧୯)ରୁଜୁ ହୋଇଥିଲା। ମାତ୍ର ଏନେଇ ଅଦ୍ୟାବଧି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ଏହାର ପ୍ରତିବାଦରେ ମିନତି ଓ ସନାତନ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏସମ୍ପର୍କରେ ମିନତି କୁହନ୍ତି, କିଛି ଜଣ ଦୁର୍ବୃତ୍ତ ମାଡ଼ ମାରି ଘର ଭାଙ୍ଗିଦେବା ସହ ଘରର କିଛି ଆସବାବପତ୍ର ନେଇ ଚାଲିଯାଇଛନ୍ତି। ଫଳରେ ସେମାନେ ଭୟଭୀତ ହୋଇ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏନେଇ ବାରମ୍ବାର ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ରିପୋର୍ଟ ଲେଖା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିଲେ।

### ମୁଖ୍ୟରାସ୍ତା ହାଣି କଲଭର୍ଟ ନିର୍ମାଣ କରିବାକୁ ଯୋଜନା

# ଚାଷଜମି ବୁଡ଼ିବା ଆଶଙ୍କାରେ ଚାଷୀ

ମାର୍ଶାଘାଇ,୮।୭( ଡି.ଏନ୍.ଏ.)

କେନ୍ଦ୍ରାପଡା-ମାର୍ଶାଘାଇ ମୁଖ୍ୟ ରାସ୍ତାର ଜାତୀୟ ରାଜପଥ କ୍ରସିଂ ନିକଟରୁ ମାର୍ଶାଘାଇ ବଜାର ଜୁଣଛକକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ମାର୍ଶାଘାଇର ପୁରୁଣା ସବ୍‌ରେଜିଷ୍ଟ୍ରି ଅଫିସ ନିକଟରେ ପିଚୁ ରାସ୍ତା ହାଣି କଲଭର୍ଟ କରିବା ପାଇଁ ଠିକାଦାର ଯୋଜନା କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାକୁ ହାଣି ସେଠାରେ କଲଭର୍ଟ କରିବାକୁ ଯୋଜନା କରି ସମ୍ପୃକ୍ତ ଠିକାଦାର ରାସ୍ତାର ପଶ୍ଚିମ ପାର୍ଶ୍ୱରେ ମାଟି, ମୋରମ ପକାଇ ବନ୍ଧ ତିଆରି କରିବା ସହ ଆଉ ଏକ ରାସ୍ତା ନିର୍ମାଣ କରିଛନ୍ତି। ସେହି ଅଣ ଓସାରିଆ ରାସ୍ତା ଦେଇ ଜମ୍ବୁ, ଛପାଲି, ରାମନଗର, ଖରିନାସୀ ଓ କରଞ୍ଜ ଆଦି ସ୍ଥାନକୁ ଯାତ୍ରୀବାହୀ ବସ୍ ଯାତାୟାତ କରିଲେ ବର୍ଷାଦିନେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ନୂଆ ମାଟି ପକାଇ ଜଳପଥରେ ବନ୍ଧ କରାଯାଇଥିବାରୁ ଜୁଣ, କଷୋଟି ଓ ବାରାପାଟ ଆଦି ଗ୍ରାମର ଚାଷୀଙ୍କ ଚାଷଜମି ପାଣିରେ ବୁଡିଯିବାର ଆଶଙ୍କା ରହିଛି। ଏନେଇ ଜୁଣ ଗ୍ରାମବାସୀ ଏବଂ ଉକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ବର୍ଷା ଦିନେ ଜଳପଥ ଅବରୋଧ କରି, ମୁଖ୍ୟ ରାସ୍ତାକୁ ହାଣି କଲଭର୍ଟ ନିର୍ମାଣ କରିବା ଉଚିତ ନୁହେଁ। ଏହି ଘଟଣାର ଅନୁଧ୍ୟାନ କରିବାକୁ ସେ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

### ବାଙ୍ଗାଲୋରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଡେରାବିଶ, ୮।୭ (ସ୍ୱ.ପ୍ର.)

କର୍ମ ଅନ୍ୱେଷଣରେ ବାଙ୍ଗାଲୋର ଯାଇଥିବା ଡେରାବିଶ ବ୍ଲକ ଅଞ୍ଚଳର ଜନୈକ ଯୁବକଙ୍କ ସୋମବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଢ଼ଙ୍ଗା ମଲ୍ଲିକେଶ୍ୱର ପୁଅ ଗ୍ରାମର ରାଜକିଶୋର ସେଠୀଙ୍କ ପୁଅ ହୃଷୀକେଶ(୩୬)। ସେ ବାଙ୍ଗାଲୋରସ୍ଥିତ ଏକ ଘରୋଇ କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବାହ୍ନରେ କାମକୁ ଯାଉଥିବା ବେଳେ ଏକ ସିମେଣ୍ଟ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଏ ନେଇ ସେଠାରେ କାର୍ଯ୍ୟ କରୁଥିବା ଓଡ଼ିଆ ଯୁବକମାନେ ହୃଷୀକେଶଙ୍କ ପରିବାରକୁ ଫୋନ୍ ଯୋଗେ ଜଣାଇଥିବା ଜଣାପଡ଼ିଛି।

# ହେରାପଞ୍ଚମୀରେ ରଥକାଠ ଭାଙ୍ଗିଲେ ମା'ଲକ୍ଷ୍ମୀ

କେନ୍ଦ୍ରାପଡା ଅଫିସ, ୮।୭

କେନ୍ଦ୍ରାପଡ଼ା ଜିଲାର ତୁଳସୀକ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ହେରା ପଞ୍ଚମୀ ନୀତି ପାରମ୍ପାରିକ ଭାବେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଯାଇଛି। ମାଉସୀମା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜିତ ଶ୍ରୀଜୀଉଙ୍କ ରୀତିନୀତି ପରେ ମୁଖ୍ୟଦେଉଳରୁ ମା'ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମାକୁ ଏକ ସ୍ୱତନ୍ତ୍ର ବିମାନରେ ନିଆଯାଇଥିଲା। ଏହି ସମୟରେ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ମା'ଙ୍କୁ ପଂକ୍ତି ଭୋଗ ଅର୍ପଣ କରାଯାଇଥିଲା। ପରେ ମା'ଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ମାଉସୀମା ମନ୍ଦିରକୁ ବିଜେ କରିଥିଲେ। ପରେ ଆଡ଼ପ ମଣ୍ଡପରେ ସେବାୟତଙ୍କ ଦ୍ୱାରା ଶ୍ରୀଜୀଉ ଓ ମା' ଲକ୍ଷ୍ମୀଙ୍କ ମଧ୍ୟରେ ବାଦାନୁବାଦ ହୋଇଥିଲା। ନବଦିନ ଯାତ୍ରା ସମାପ୍ତ ପରେ ଶ୍ରୀଜୀଉ ମନ୍ଦିରକୁ ଫେରିବେ ବୋଲି କହିବା ପରେ ମା' ଉତ୍‌କ୍ଷିପ୍ତ ହୋଇ ମାଉସୀମା ମନ୍ଦିରରୁ ବାହାରି ରଥ ନିକଟରେ ପହଞ୍ଚି ରୀତିନୀତି ଅନୁଯାୟୀ, ମା'ଙ୍କ ନିର୍ଦ୍ଦେଶରେ ରଥରୁ ଖଣ୍ଡେ କାଠ ଭାଙ୍ଗି ଦିଆଯାଇଥିଲା। ପରେ ମା' ଲକ୍ଷ୍ମୀ ବଡଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସେବାୟତ ରବୀନ୍ଦ୍ରନାଥ ପତ୍ରି, ଜୟଦେବ ପତ୍ରି, ରବୀନ୍ଦ୍ରକର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ତମାଳଶାସନ କ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କଠାରେ ପାରମ୍ପାରିକ ରୀତିନୀତି ଅନୁସାରେ ହେରାପଞ୍ଚମୀ ସମ୍ପନ୍ନ ହୋଇଯାଇଛି। ମା'ଲକ୍ଷ୍ମୀ ରଥର ଏକ ଅଂଶକୁ ଭାଙ୍ଗି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାକୁ ସେବାୟତ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ରାଜକିଶୋର ମିଶ୍ର, ପ୍ରମୋଦ କୁମାର ମିଶ୍ର ଓ ବୃନ୍ଦାବନ ମିଶ୍ର ପ୍ରମୁଖ ସମ୍ପନ୍ନ କରିଥିଲେ।


ତୁଳସୀକ୍ଷେତ୍ରର ମାଉସୀମା' ମନ୍ଦିରକୁ ମା'ଲକ୍ଷ୍ମୀଙ୍କ ବିମାନ ବିଜେ କରୁଛି।

# ଛାତ୍ରୀଛାତ୍ରଙ୍କ ପକ୍ଷରୁ ବୃକ୍ଷରୋପଣ


ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି।

ଡେରାବିଶ, ୮।୭ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ନରସିଂହପୁର ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରାସ୍ତା ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ଗତ ଶୁକ୍ରବାର ସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମହାନ୍ତି, ସହକାରୀ ଶିକ୍ଷକ ସଞ୍ଜିବ କୁମାର ଦ୍ୱିବେଦୀ ଓ ଜୟାନନ୍ଦ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ବିଭିନ୍ନ ଫୁଲଗଛ ଲଗାଇବା ସହ ସ୍କୁଲକୁ ଯାଇଥିବା ରାସ୍ତା ସଫେଇ କରିଥିଲେ। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରକୃତି ବନ୍ଧୁ ଜେନାମଣି ବଳ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

# ଯୋଗ ବିୟୋଗରେ ଚାଲିଛି ଦଳୀୟ ପ୍ରଚାର

**ପାଟକୁରା ନିର୍ବାଚନ**

କେନ୍ଦ୍ରାପଡ଼ା ଅଫିସ, ୮।୭

କେନ୍ଦ୍ରାପଡ଼ା ଜିଲା ଏବେ ପାଟକୁରା ବିଧାନସଭା ନିର୍ବାଚନ ପାଇଁ ଚଳଚଞ୍ଚଳ ହୋଇଉଠିଛି। ରାଜ୍ୟର ୩ ପ୍ରମୁଖ ଦଳ ଏହି ଆସନକୁ ହାତେଇବା ପାଇଁ କମର କଷିଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘର ଘର ବୁଲି ଲୋକଙ୍କ ସମର୍ଥନ ଲୋଡୁଛନ୍ତି। ପ୍ରତ୍ୟେକ ଦଳ ପକ୍ଷରୁ ଏ ନେଇ ଗୁପ୍ତ ରଣନୀତି ପ୍ରସ୍ତୁତ କରାଯାଉଛି। ଏହି ନିର୍ବାଚନୀ ଯୁଦ୍ଧ ତୃଣମୂଳସ୍ତରରେ ଅନ୍ୟ ରୂପରେ ପଦାକୁ ଆସିଛି। ପ୍ରତ୍ୟେକ ଦିନ ନେତାମାନେ ପ୍ରତିପକ୍ଷ ଦଳର ସମର୍ଥକଙ୍କୁ ନିଜ ଦଳରେ ଯୋଗଦେଇଥିବା ଘୋଷଣା କରୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସମର୍ଥକମାନେ ପୁନର୍ବାର ପୂର୍ବ ପ୍ରାର୍ଥୀଙ୍କ ନିକଟକୁ ଫେରିଯାଉଛନ୍ତି। ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତରେ ରବିବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ବିଜେଡିର ଏକ ମିଶ୍ରଣ ପର୍ବ ହୋଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଭାଜପା ପ୍ରାର୍ଥୀ ତଥା ବିଜୟ ମହାପାତ୍ରଙ୍କ ସମର୍ଥକ ଦଳ ଛାଡି ବିଜେଡିରେ ଯୋଗଦେଇଥିଲେ। ସୋମବାର ପୁନର୍ବାର ପଟ୍ଟ ପରିବର୍ତ୍ତନ ହୋଇଛି। ବିଜେଡିରେ ଯୋଗଦେଇଥିବା ବ୍ୟକ୍ତିମାନେ ପୁଣି ଥରେ ବିଜୟ ମହାପାତ୍ରଙ୍କୁ ସମର୍ଥନ ଜଣାଇଥିବା ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ବିଜେଡିର ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ବିଜେଡି ପ୍ରାର୍ଥୀ ବେଦପ୍ରକାଶଙ୍କୁ ବିରୋଧ କରି ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ତେବେ ବେଦପ୍ରକାଶଙ୍କ ମୃତ୍ୟୁ ପରେ ଏହି ଦୃଶ୍ୟ ବଦଳି ଯାଇଛି। ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିଜେଡି ପ୍ରାର୍ଥୀଭାବେ ଘୋଷଣା କରାଯିବା ପରେ ସରୋଜକାନ୍ତ ଭାଜପା ଛାଡି ବିଜେଡି ଶିବିରରେ ଯୋଗ ଦେଇଛନ୍ତି। ଏହି ଯୋଗ ବିୟୋଗ ଖେଳ ଆଗକୁ ଆହୁରି ଦେଖିବାକୁ ମିଳିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନଙ୍କ ମତରେ ଏହି ଆସନ ପାଇଁ ୧୦ ପ୍ରାର୍ଥୀ ଥିଲେ ମଧ୍ୟ ଭାଜପା ଓ ବିଜେଡି ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଠାରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ସଂଗଠନକୁ ମଜଭୁତ କରିବା ପାଇଁ ସେଭଳି ପଚାର କରିବା ଦେଖବାକୁ ମିଳୁନାହିଁ। ଗତ ନିର୍ବାଚନରେ ସେ ଏହି ଆସନରୁ ବିଧାୟକ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଭୋଟହାରରେ ୨ୟ ସ୍ଥାନରେ ଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ତାଙ୍କର ପ୍ରଭାବ ଥିଲେ ମଧ୍ୟ କଂଗ୍ରେସର ରଣନୀତି ମଜଭୁତ୍ ଲାଗୁନି। ସୂଚନାଯୋଗ୍ୟ ଏହି ନିର୍ବାଚନମଣ୍ଡଳୀର ୩ଟି ବ୍ଲକରେ ମୋଟ ୫୧ ପଞ୍ଚାୟତ ରହିଛି।

୨୦୧୯ ଲୋକସଭା ନିର୍ବାଚନ ସମୟରେ ୩୦୯ ବୁଥରେ ମୋଟ ୧,୭୩,୯୨୯ ଭୋଟଦାନ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀଙ୍କୁ ୮୫,୨୨୮ ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀଙ୍କୁ ୭୮,୯୦୫ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀଙ୍କ ନିକଟକୁ ମାତ୍ର ୮୦୮୦ ଖଣ୍ଡ ଭୋଟ ଯାଇଥିଲା। ପାଟକୁରା ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ଭାଜପା ପ୍ରାର୍ଥୀ ବିଜୟ ସଂଗଠନ ଓ ପ୍ରଚାରକୁ ଅଦ୍ୟାବଧି ଗୁରୁତ୍ୱ ଦେଇଆସିଛନ୍ତି। ସେହିପରି ବିଜେଡିରୁ ସାବିତ୍ରୀ ଗତ ମେ ୧ରେ ନାମାଙ୍କନ ପତ୍ର ଦାଖଲ କରିବା ପରେ ତାଙ୍କ ପ୍ରତି ଲୋକଙ୍କ ସମର୍ଥନ ଦେଖିବାକୁ ମିଳୁଛି।

ଗତ ଲୋକସଭା ଆସନ ଫଳାଫଳ ଏଠାରେ ବିଜେଡି ପକ୍ଷକୁ ଯାଇଥିବା ବେଳେ ଦଳୀୟ ବିଧାୟକ ଓ ମନ୍ତ୍ରୀମାନେ ଏହି ଆସନକୁ ହାତେଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଜିଲାକୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଗସ୍ତକରି ଦଳୀୟସ୍ଥିତିକୁ ମଜଭୁତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଭୁବନେଶ୍ୱରରେ ନିର୍ବାଚନ ସମ୍ପର୍କିତ ରଣନୀତି ଓ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ପୁନର୍ବାର ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ହେଉଛି।

ଗତ ୨୦୧୪ ନିର୍ବାଚନ ପରି ଏଥର ମଧ୍ୟ ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଜିତିବା ପାଇଁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ଚାଲିଛି। ମାତ୍ର ବିଜେଡିର ଗୋଷ୍ଠୀକନ୍ଦଳ ନିର୍ବାଚନ ଫଳାଫଳକୁ ଓଲଟାଇ ଦେଇପାରେ ବୋଲି ଆକଳନ କରାଯାଉଛି। ଅପରପକ୍ଷରେ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ନିର୍ବାଚିତ ବିଧାୟକ, ଏମ୍‌ପି, ଦାମୋଦର ରାଉତ ଓ ରାଜନୈତିକ ବନ୍ଧୁ ଦିଲିପ ରାୟ ପ୍ରମୁଖ ବିଜୟଙ୍କ ପାଇଁ ପ୍ରଚାର କରିବେ ବୋଲି ସୂଚନା ମିଳିଛି। ସେହିପରି କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ନେତା ଓ ନବନିର୍ବାଚିତ ବିଧାୟକ ଜୟନ୍ତଙ୍କୁ ବିଜୟୀ କରିବା ପାଇଁ ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ହେଉଛି।

# ବଧୂହତ୍ୟା ଅଭିଯୋଗ: ଶ୍ୱଶୁର, ଦିଅର, ଯା’ ଅଟକ

ବଡ଼ମ୍ବା,୮।୭(ଡି.ଏନ.ଏ.)

ବଡ଼ମ୍ବା ଥାନା ଅନ୍ତର୍ଗତ ବିଶ୍ୱମ୍ଭରପୁର ଗ୍ରାମରେ ସୋମବାର ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସେମାନେ ହେଲେ ମୃତ ମହିଳାଙ୍କ ଶ୍ୱଶୁର ଗିରିଧାରୀ ବେହେରା, ଦିଅର ମିଥୁନ୍ ବେହେରା ଓ ଯା’ ଲିଲି ବେହେରା। ଏ ନେଇ ଏକ ମାମଲା ନଂ-୧୩୩/୧୯ ରୁଜୁ ହୋଇଛି। ସୂଚନା ଅନୁସାରେ, ଗ୍ରାମର ଗିରିଧାରୀଙ୍କ ପୁଅ ଜନାର୍ଦ୍ଦନ ପ୍ରାୟ ୮ ବର୍ଷ ତଳେ ନରସିଂହପୁର ଥାନା ଅନ୍ତର୍ଗତ ଫୁଲପଡା ଗ୍ରାମର ରମେଶ ବେହେରାଙ୍କ କନ୍ୟା ଝିଲିଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଝିଲିଙ୍କ ସହ ବିଭିନ୍ନ ସମୟରେ ଝଗଡ଼ା କରୁଥିଲେ। ସୋମବାର ଝିଲିଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିବା ଶାଶୁଘର ଲୋକେ ତାଙ୍କ ବାପାଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ବାପା ଆସି ଶାଶୁଘର ଲୋକେ ଝିଅକୁ ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।




■ ପାରାଦୀପ ପୌର ପାଳିକାର ବାର୍ଷିକ ବଜେଟ

# ୫୭ କୋଟି ୮୨ ଲକ୍ଷର ବ୍ୟୟ ଅଟକଳ

ପାରାଦୀପ,୮।୭(ସ୍ୱ.ପ୍ର.)


ବଜେଟ ଉପସ୍ଥାପନ ଅବସରରେ ବିଧାୟକ ସମ୍ବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟମାନେ।

ଆଉ ୭ ମାସ ପରେ ପୌର ନିର୍ବାଚନ ହେବାର ସମ୍ଭାବନା ଥିବାବେଳେ ସୋମବାର ପାରାଦୀପ ପୌର ପାଳିକା ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହୋଇଛି। ଏଥିରେ ମୋଟ୍ ୫୭ କୋଟି ୮୨ଲକ୍ଷ ୩୬ ହଜାର ୪୧୮ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଚଳିତଥର ବଜେଟରେ ବିଶେଷକରି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଗତବର୍ଷ ସେପ୍ଟେମ୍ବର ୮ରୁ ୧୨ ତାରିଖ ୫ଦିନ ଧରି ପ୍ରବଳ ବର୍ଷା ହେବା ଯୋଗୁ ପାରାଦୀପ ଟାଉନ୍‌ସିପ୍ ଜଳବନ୍ଦୀ ରହିଥିଲା। ଜଳ ନିଷ୍କାସନ ପାଇଁ ସେତେବେଳେ ପୌର କର୍ତ୍ତୃପକ୍ଷ ବଦନାମ ହୋଇଥିଲେ। ତେଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ବିଧାୟକ ସମ୍ବିତ ରାଉତରାୟ ଏହି ବଜେଟ ଉପସ୍ଥାପନ କରିବା ସହ ପୌରାଞ୍ଚଳବାସୀଙ୍କ ବିକାଶକୁ ସବୁ ଦିଗରୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

ପୌରାଞ୍ଚଳର ୧୯ଟି ୱାର୍ଡରେ ଥିବା ୨୫ ବସ୍ତି ବିକ୍ଷିପ୍ତ ଭାବେ ରହିଛି। ବନ୍ଦର ଓ ଶିଳ୍ପ ସମ୍ପ୍ରସାରଣ ପାଇଁ କେତେକ ବସ୍ତି ଉଚ୍ଛେଦ ହେବାର ସମ୍ଭାବନା ରହିଛି। ସେଥିପାଇଁ ବସ୍ତି ଲୋକଙ୍କୁ ଥଇଥାନ କରିବାକୁ ସହରାଞ୍ଚଳ ଥଇଥାନ ଯୋଜନା ଓ ପୌର ପାଳିକା ବସ୍ତି ଥଇଥାନ ପ୍ରତି ଧ୍ୟାନ ଦିଆଯାଇଛି। ପୌରାଞ୍ଚଳକୁ ବାହ୍ୟ ମଳମୁକ୍ତ କରିବା ପାଇଁ ଆଉ ଅଧିକ ୨୦ଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ ଓ ପରିମଳ ବ୍ୟବସ୍ଥା ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କରାଯିବ। ଗତ ୬ ତାରିଖରେ ହୋଇଥିବା ବଜେଟ ପ୍ରାକ୍ ଆଲୋଚନାରେ ଅଧିକାଂଶ ଲୋକ ଅଠରବାଙ୍କୀ-ଦୋଛକି ରାସ୍ତା ସମ୍ପର୍କରେ କହିଥିଲେ। ଏହି ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଉକ୍ତ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ବାଇପାସ ନିର୍ମାଣ ପାଇଁ ଦାବି ଉଠିଥିଲା। ତେଣୁ ସେଥିପାଇଁ ବଜେଟରେ ବ୍ୟୟ ବରାଦ କରାଯାଇଛି। ଏଥିସହ ଉଠା ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ କରିବା ସହ ପରିଚୟପତ୍ର ପ୍ରଦାନ କରାଯିବ। ବସ୍ ଓ ଯାତ୍ରୀବାହୀ ଗାଡି ରହଣୀସ୍ଥଳରେ ଆଶ୍ରୟ କେନ୍ଦ୍ର ହେବ। ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଜରିଆରେ ସ୍ୱୟଂସହାୟିକା ଦଳକୁ ବ୍ୟକ୍ତିଗତ ଓ ଦଳଗତ ଭାବେ ଆର୍ଥିକ ସହାୟତା, ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବାକୁ ପ୍ରସ୍ତାବ ରହିଛି। ଏଥିସହ ପର୍ଯ୍ୟଟକଙ୍କ ପାଇଁ ସ୍ମାର୍ଟ ପାର୍କ, ବିଜ୍ଞାନ କେନ୍ଦ୍ର, ପ୍ଲାନେଟୋରିୟମ, ବେଳାଭୂମିର ସୌନ୍ଦର୍ଯ୍ୟକରଣ ପାଇଁ ବଜେଟରେ ପ୍ରସ୍ତାବ ରହିଛି। ବଜେଟ ଉପସ୍ଥାପନ ବେଳେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ପ୍ରଭାତି ନାୟକ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଓ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ବଜେଟ ସମ୍ପର୍କରେ ବିଧାୟକ ରାଉତରାୟ କହିଛନ୍ତି ଯେ ପାରାଦୀପ ଲୋକଙ୍କ ପାଇଁ ଅନେକ କିଛି କରିବାର ଅଛି। କିନ୍ତୁ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି ପାରଦୀପ ବନ୍ଦର। ଆଗାମୀ ଦିନରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଅଧିକ ଲୋକଙ୍କୁ କିପରି ସରକାରୀ ଯୋଜନାର ସୁଫଳ ମିଳିବ ସେ ବ୍ୟବସ୍ଥା କରାଯିବ।

■ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ଗୁରୁତ୍ୱ

■ ବାଇପାସ ରାସ୍ତା, ବସ୍ତି ଓ ଉଠା ବ୍ୟବସାୟୀଙ୍କୁ ଥଇଥାନ

■ ଝିଆରୀଙ୍କୁ ଦାଦା ଗର୍ଭବତୀ କରିବା ଘଟଣା

# ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୮।୭(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ଜଣେ ଝିଆରୀଙ୍କୁ ଦାଦା ବିବାହର ପ୍ରତିଶ୍ରୁତି ଦେଇ ଗତ ମାସରେ ଗର୍ଭବତୀ କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ-୧୫୯/୧୯) ରୁଜୁ କରିଛି। ଇତିମଧ୍ୟରେ ଏକ ମାସ ବିତିବାକୁ ବସିଲାଣି। ହେଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ସୋମବାର ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ। ନିୟମ ଅନୁଯାୟୀ ପୀଡ଼ିତାଙ୍କୁ ୪ ସପ୍ତାହ ମଧ୍ୟରେ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ ଲାଗି କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସେ କମିଶନରଙ୍କୁ ନିବେଦନ କରିଛନ୍ତି। ଏହାକୁ କମିଶନର କାର୍ଯ୍ୟାଳୟ ଗୁରୁତ୍ୱର ସହ ନେଇ ବିଚାର ପାଇଁ ପଞ୍ଜୀକୃତ କରିଛନ୍ତି।

ସୂଚନା ଅନୁଯାୟୀ, ରାଜକନିକା ଥାନା ଅଞ୍ଚଳର ମହିଳା ଜଣକ ୧୦ ବର୍ଷ ପୂର୍ବେ ଯାଜପୁର ଜିଲାରେ ବିବାହ କରିଥିଲେ। ତାଙ୍କର ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା। ପୁତ୍ରକୁ ଏବେ ୯ବର୍ଷ ବୟସ ହୋଇଥିବାବେଳେ ସ୍ୱାମୀଙ୍କର ମୃତ୍ୟୁ ଘଟିସାରିଛି। ଏହାପରେ ତାଙ୍କ ବାପା ସମ୍ପୃକ୍ତ ମହିଳା ଓ ନାତିକୁ ନେଇ ପାଖରେ ରଖିଥିଲେ। ମହିଳା ଜଣକ ଘରକୁ ଫେରିବା ଦିନଠୁ ବିବାହିତ ଦାଦା ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଏପରି କି ମହିଳା ଜଣକ ଗର୍ଭବତୀ ହେବା ପରେ ସେ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗତ ମାସ ୪ତାରିଖରେ ଝିଆରୀଙ୍କ ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା। ଏହାଦେଖି ଅଭିଯୁକ୍ତ ଦାଦା ଫେରାର ହୋଇଯାଇଥିଲେ। ପରେ ସମ୍ପୃକ୍ତ ମହିଳା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତେବେ ପ୍ରସବଜନିତ ତ୍ରୁଟି ଯୋଗୁ ନବଜାତ ପୁତ୍ର ସହ ୯ ବର୍ଷର ପୁଅକୁ ନେଇ ସେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ପରେ ମହିଳା ରାଜନଗର ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ମାଣିକଗୋଡା ଦଳବେହେରାଙ୍କ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ,୮।୭:** ବୋଲଗଡ ବ୍ଲକ ମାଣିକାଗୋଡାର ମୁସଲମାନ ଦଳବେହେରା ଶେଖ୍ ହବିବୁର ରହେମାନଙ୍କ ବିୟୋଗରେ ଖୋର୍ଦ୍ଧା ସଂସ୍କାର ଭାରତୀ ପରିସରରେ ସୋମବାର ସ୍ମୃତିଚାରଣ କରାଯାଇଛି । ଖୋର୍ଦ୍ଧାର କଳିଙ୍ଗ ପାଇକ ସଙ୍ଗଠନ ଓ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ଜନବ ରମଜାନ୍ ଖାଁ, ଆଇନଜୀବୀ ଶିଶିର କୁମାର ପରିଡା, ହାଜି ନିଜ୍ୟମୁଦ୍ଦିନ୍ ଖାଁ, ସଂଗ୍ରାମ କେଶରୀ ଜଗଦ୍ଦେବ, ବିଷୁବ ମିଳନ ସମିତି ସମ୍ପାଦକ ଜ୍ଞାନରଞ୍ଜନ ଦାଶ, ଜିଲା ନିଶା ନିବାରଣ ସମିତି ସଭାପତି ରାମ ଶଙ୍କର, ଅନସୂୟା ସାମନ୍ତରାୟ, ବେଲେଶ୍ୱର ଯୁଝାରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶେଖ୍ କେତାତୁଲ୍ଲା, ଏସ୍. କେ ଅବ୍ଦୁଲ ରଜାକ୍ କଳାପାହାଡ ପ୍ରମୁଖ କହିଥିଲେ ମାଣିକାଗୋଡା ଦଶହରା ପର୍ବର ପରମ୍ପରା ଓ ଐତିହ୍ୟ ନିଆରା। ଏଠାର ମୁଖ୍ୟ ଆକର୍ଷଣ ଅପରାଜିତା ହୋମ। ରାଜଗୁରୁ କୁଶବଟୁ ପିନ୍ଧାଇବା ପରେ ମୁସଲମାନ ଦଳବେହେରା କର୍ତ୍ତା ହୋଇ ଘୃତାହୁତି ଦିଅନ୍ତି। ସେହି ଦଳବେହେରା ଶେଖ୍ ହବିବୁର ରହେମାନ ଆଜି ନାହାନ୍ତି। ଏଠାରେ ଦଶହରାରେ ଧୋବା ପକାଏ ବଳି ଓ ବାରିକ ଜାଳେ ମଶାଲ। ବ୍ରାହ୍ମଣ କରନ୍ତି ପୂଜା ଓ ଗ୍ରାମର ସବୁ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ପର୍ବର ମଜା ଉଠାଇଥାନ୍ତି। ଏହି ବିରଳ ଦୃଶ୍ୟ ସୃଷ୍ଟି କରେ ଜାତି ଓ ଧର୍ମ ମଧ୍ୟରେ ସମନ୍ୱୟତା, ଭାତୃଭାବ ସୃଷ୍ଟି କରି ଆସିଛି। କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତଭାଷଣ ଓ ଧନ୍ୟବାଦ ଦେଇଥିଲେ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟ ନିମ୍ନମାନର ଅଭିଯୋଗ

## ଅବଧି ଶେଷ, ସରୁନି ବ୍ରିଜ ନିର୍ମାଣ କାମ

**ବେଗୁନିଆ,୮।୭ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ମାଣିବନ୍ଧଠାରୁ ବେଗୁନିଆ ବର୍ଡର ଦୈର୍ଘ୍ୟ ୨ କିମି ୫୪୦ ମିଟର ମାଟି ରାସ୍ତା ପାଇଁ ୨୦୧୮ ମେ'ରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କାମ ପାଇଁ ୧୦୬ . ୮୩ ଲକ୍ଷ ବ୍ୟୟ ବରାଦ କରାଯାଇଥିଲା। ମାତ୍ର କାମ ଆରମ୍ଭରୁ ଠିକ୍ ଭାବେ ମୋରମ ଓ ବାଲି ବିଛା କି ପାଣି ସିଞ୍ଚନ କରାଯାଇ ରୋଲର ଚଢା ଗଲାନାହିଁ। ଫଳରେ ବେସ୍ ଠିକ୍ ନ ହୋଇ ମଧ ବିଲ୍ ପାଶ କରି ଦିଆଯାଇଛି। ପରେ ରାସ୍ତା ମଧ୍ୟରେ ଥିବା ୨ଟି ବ୍ରିଜ୍ ନିର୍ମାଣ କାମ ଅଧାପନ୍ତରିଆ ଭାବେ ରହିଛି। ପିଲର ଏବଂ ବେସ ଢଳେଇ କାମ ସମ୍ପୂର୍ଣ୍ଣ ନିମ୍ନମାନର ହେଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। କୌଣସି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କାମର ତଦାରଖ କରାଯାଉନାହିଁ। ଏ ନେଇ ସୋମବାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବିଭାଗୀୟ ସଚିବ ଏବଂ ଜିଲାପାଳଙ୍କ ପାଖରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଏସ୍‌ଡିଓ ଅନିଲ ସେଠୀଙ୍କୁ ପଚାରିବାରେ ମୁଁ ବ୍ୟସ୍ତ ଅଛି କହି ଫୋନକୁ କାଟି ଦେଇଥିଲେ। ଠିକାଦାରଙ୍କୁ ଫୋନ କରିବାରେ ତାଙ୍କ ମୋବାଇଲ ସୁଇଚ ଅଫ ଦେଖାଇଥିଲା। ହେଲେ କାମ ତଦାରଖ କରୁଥିବା ସୁପରଭାଇଜରଙ୍କୁ ପଚାରିବାରେ କାମ ଯଦି ଠିକ୍ ଭାବେ ହେଉନାହିଁ ତେବେ ବିଭାଗୀୟ ଅଧିକାରୀମାନେ କିଭଳି ଭାବେ ବିଲ୍ ମଞ୍ଜୁର କରୁଛନ୍ତି ବୋଲି ସେ ପାଲଟା ଉତ୍ତର ରଖିଥିଲେ।

### ■ ଦିନ ଦ୍ୱିପ୍ରହରରେ ହେଲା ବ୍ଲାଷ୍ଟିଂ

# ସହର ମଝିରେ ପଥର ଖଣି

- ■ଅଳ୍ପକେ ବର୍ତ୍ତିଲେ ମହିଳା
- ■ପ୍ରଶାସନ ସବୁ ଜାଣି ନୀରବ

**ନୟାଗଡ଼ ଅଫିସ,୮।୭**

ନୟାଗଡ଼ ସହର ମଝିରେ ରହିଛି ପଥର ଖଣି। ଜଣେ ବ୍ୟକ୍ତିଙ୍କର ଏହା ଘରୋଇ ଖଣି ହୋଇଥିବା ବେଳେ ଉକ୍ତ ଖଣିରୁ ସୋମବାର ଦିନଦ୍ୱିପ୍ରହରରେ ବେଆଇନ ଭାବେ ବ୍ଲାଷ୍ଟିଂ ହୋଇଛି। ଏହାର ଶବ୍ଦ ଏତେ ଜୋର୍ ଥିଲା ଯେ କିଛି ସମୟ ପାଇଁ ଅଞ୍ଚଳବାସୀ ଭୟଭୀତ ହୋଇଯାଇଥିଲେ। ବିଭିନ୍ନ ସମୟରେ ଖଣିରେ ବ୍ଲାଷ୍ଟିଂ ହେଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ପ୍ରଶାସନ ସବୁ ଜାଣି ନୀରବଦ୍ରଷ୍ଟା ପାଲଟିଛି।

ପ୍ରକାଶ ଯେ, ନୟାଗଡ଼ ମ୍ୟୁନିସିପାଲିଟି ୧୧ ନମ୍ବର ୱାର୍ଡ଼ର ନ୍ୟୁ ରାଜବାଟିସାହିରେ ଏକ ପଥର ଖଣି ରହିଛି। ସୋମବାର ମଧ୍ୟାହ୍ନ ୧୨ଟା ୩୦ ସମୟରେ ଉକ୍ତ ଖଣିରେ ବେଆଇନ ଭାବେ ଡିନାମାଇଟ ଖଞ୍ଜାଯାଇ ବ୍ଲାଷ୍ଟିଂ କରାଯାଇଥିଲା। ଏହାର ପ୍ରଭାବରେ ଏକ ମଧ୍ୟମ ଧରଣର ପଥର ଉଡ଼ିଆସି ନିକଟରେ ଦୋକାନ କରିଥିବା କିଶୋର କୁମାର ସେଠୀଙ୍କ ବାରଣ୍ଡାରେ ପଡ଼ିଥିଲା। ଫଳରେ ଉକ୍ତ ସ୍ଥାନରୁ ସିମେଣ୍ଟ ପ୍ଲାଷ୍ଟର ନଷ୍ଟ ହୋଇଯାଇଛି। ସେହି ସମୟରେ ଦୋକାନକୁ ଯାଇଥିବା ଜଣେ ମହିଳା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପଥରଟି



ସହର ମଝିରେ ଥିବା ପଥର ଖଣି।

ତାଙ୍କର ଅତି ପାଖରୁ ଯାଇ ତଳେ ପଡିଥିଲା। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଜନବସତି ଅଞ୍ଚଳରେ ପଥର ବ୍ଲାଷ୍ଟିଂ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ସହର ମଝିରେ ଏହି ପଥର ଖଣି ଥିବା ବେଳେ ସେଠାରେ ପଥରକୁ ହାତରେ ଶାବଳ କିମ୍ବା ମେଶିନ ସାହାଯ୍ୟରେ ଖୋଳିକି ନେଇପାରିବେ । ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏହାକୁ ଅମାନ୍ୟ କରି ବିଭିନ୍ନ ସମୟରେ ବ୍ଲାଷ୍ଟିଂ କରୁଛନ୍ତି। ଏ ନେଇ ପୂର୍ବରୁ ଲୋକମାନେ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଅଭିଯୋଗକାରୀ ନିଜ ଭାଗ୍ୟକୁ ନିନ୍ଦି ରହୁଛନ୍ତି । ଏହିଭଳି ପଥର ବ୍ଲାଷ୍ଟିଂ ନେଇ ବିପଦ ଆଶଙ୍କା ଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନର ନାକ ତଳେ ଥିବା ଏହି ସ୍ଥାନରେ ବିଭିନ୍ନ ସମୟରେ ବେଆଇନ ଭାବେ ବ୍ଲାଷ୍ଟିଂ ହେଉଥିବା ବେଳେ ପ୍ରଶାସନ କିପରି ଏ ବିଷୟରେ ଜାଣିପାରୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ନେଇ ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ୍ ରିସିଭ କରି ନ ଥିଲେ। ନୟାଗଡ଼ ଆରଆଇ ମନୋଜ ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଏହା ଜଣେ ବ୍ୟକ୍ତିଙ୍କର । ସେଠାରେ ବ୍ଲାଷ୍ଟିଂ କରିବା ପାଇଁ ଅନୁମତି ନାହିଁ। ବ୍ଲାଷ୍ଟିଂ ନ କରିବା ପାଇଁ ପୂର୍ବରୁ ଅଣ୍ଡରଟେକିଂ ଲେଖିକି ଯାଇଛନ୍ତି। ଯଦି ଏହିଭଳି ହୋଇଥିବ ତାହା ହେଲେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବୁ ବୋଲି ସେ ପ୍ରକାଶ କରିଥିଲେ।



ଖଣିରୁ ବ୍ଲାଷ୍ଟିଂ ପରେ ଏକ ପଥର ଦୋକାନ ବାରଣ୍ଡାରେ ପଡ଼ିଛି।

### ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ

## ପ୍ରଥମ ଦିନରେ ଜିଲାର ୩ଟି କେନ୍ଦ୍ରରେ ପରୀକ୍ଷା ଦେଲେ ୭୩୦ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୮।୭**

ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାର ଆରମ୍ଭ ହୋଇଛି। ନୟାଗଡ଼ ଜିଲାରେ ହୋଇଥିବା ୩ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ୭୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ନୟାଗଡ଼ ଜିଲା ପାଇଁ ବ୍ରଜେନ୍ଦ୍ର ହାଇସ୍କୁଲ, ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ଓ ନୟାଗଡ଼ ଏନ୍‌ଏସି ହାଇସ୍କୁଲ ଏପରି ତିନୋଟି ପରୀକ୍ଷା କେନ୍ଦ୍ର ହୋଇଛି। ସୋମବାର ପ୍ରଥମ ଦିନ ମାତୃଭାଷା ଓଡ଼ିଆରେ ୭୭୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ୭୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୪୪ ଜଣ ଅନୁପସ୍ଥିତ ରହିଛନ୍ତି। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ଶେଷ ହୋଇଥିଲା। ପ୍ରଥମ ଥର ପାଇଁ ୩ କେନ୍ଦ୍ର ପାଇଁ ୩ ଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିଲା। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପାଇଁ ଓଡ଼ଗାଁ ବିଇଓ, ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ନୟାଗଡ଼ ବିଇଓ ଓ ଏନ୍‌ଏସି ହାଇସ୍କୁଲ ପାଇଁ ଖଣ୍ଡପଡ଼ା ବିଇଓଙ୍କୁ ନିଯୁକ୍ତି କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଶିବ ଶଙ୍କର ପ୍ରଧାନ ତିନୋଟି ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ।

## ସିରିଜ୍ ଦୁର୍ଘଟଣା: ୧୨ ଆହତ, ୬ ଗୁରୁତର

### ୨ ବରଯାତ୍ରୀ କାର୍‌କୁ ଧକ୍କା ଦେଲା ଅନ୍ୟ କାର୍

**ନୟାଗଡ଼ ଅଫିସ,୮।୭**

ନୟାଗଡ଼ ଜିଲା ଗଣିଆ ଥାନା ଆଡ଼କଟା କାଳିଆପଡ଼ାଠାରେ ସୋମବାର ସକାଳେ ସିରିଜ କାର ଦୁର୍ଘଟଣା ହୋଇଛି। ୨ଟି ବରଯାତ୍ରୀ କାର୍‌କୁ ଅନ୍ୟ ଏକ କାର୍ କ୍ରମାନ୍ୱୟରେ ଧକ୍କା ଦେବା ଫଳରେ ୧୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଅଛନ୍ତି। ସେମାନେ ହେଲେ ଦଶପଲ୍ଲା ହାଟସାହିର ପାଣ୍ଡବ ସାହୁ, ନବ କିଶୋର ପ୍ରଧାନ, ବାଣପୁରର ପ୍ରଶାନ୍ତ ସ୍ୱାଇଁ, ବୃନ୍ଦାବନ ବାରିକ, ଚିଲିକାର ରମେଶ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଭାରତୀ ପ୍ରଧାନ। ୩ ଗୁରୁତର ବ୍ୟକ୍ତି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୩ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ଘଟଣାରୁ ପ୍ରକାଶ ଯେ, ଦଶପଲ୍ଲା ହାଟସାହିର ପାଣ୍ଡବ ସ୍ୱାଇଁଙ୍କ ପୁଅ ସୁଦୀପ୍ତଙ୍କ ବାହାଘର କଣ୍ଟିଲୋ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ବ୍ୟକ୍ତିମାନେ।

ବିଜିପୁରଠାରେ ହେଉଥିଲା। ରବିବାର ବରଯାତ୍ରୀମାନେ ବିଜିପୁରକୁ ଯାଇଥିଲେ। ସୋମବାର ଭୋର ସମୟରେ ଦୁଇଟି କାରରେ ୧୫ ଜଣ ଦଶପଲ୍ଲାକୁ ଫେରୁଥିଲେ। କାଳିଆପଡ଼ାଠାରେ ଗଣିଆପଟୁ ଆସୁଥିବା ଅନ୍ୟ ଏକ କାର ପ୍ରଥମେ ଗୋଟିଏ ବରଯାତ୍ରୀ କାର ସହ ମୁହାଁମୁହିଁ ଧକ୍କା ହେବା ପରେ ଏହା ପଛରେ ଆସୁଥିବା ଆଉ ଏକ କାର ମଧ ଧକ୍କା ହୋଇଥିଲା। ଫଳରେ ୩ଟି ଗାଡ଼ିରେ ଥିବା ୧୨ ଜଣ ଆହତ ହୋଇଥିଲେ। ପ୍ରଥମେ ସେମାନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ୬ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗଣିଆ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ବଧୂହତ୍ୟା ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବି

### ଥାନା ଆଗରେ ଧାରଣା ୨ ଦିନରେ

**କୃଷ୍ଣପ୍ରସାଦ,୮।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳ ଗାଁରେ ଚଳିତ ମାସ ୧ ତାରିଖରେ ଅଧିକ ଯୌତୁକ ଦାବି କରି ଜଣେ ନବ ବଧୂ ମାମାଲି ପ୍ରଧାନଙ୍କୁ ଶ୍ୱଶୁର ଘର ପକ୍ଷରୁ ହତ୍ୟା କରାଯାଇଥିବା କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଥିଲା । ମୃତବୋହୂଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀଙ୍କ ନାମରେ ବାପଘର ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଓ ଯୌତୁକ ସାମଗ୍ରୀ ଫେରସ୍ତ କରିବା ନେଇ କୃଷ୍ଣପ୍ରସାଦ ଥାନାରେ ଧାରଣା ଦିଆଯାଇଛି। ମାମାଲିଙ୍କ ବାପଘର ଗ୍ରାମ ମୋରଡା ନୂଆଗାଁର ଶତାଧିକ ମହିଳା, ପୁରୁଷ ଥାନା ଆଗରେ ଧାରଣାରେ ବସିଛନ୍ତି । ମୃତ ମାମାଲିଙ୍କ ଦାଦା ଷଠିଆ ପ୍ରଧାନ ଓ ମା' ସରୋଜିନୀ କହିଛନ୍ତି ଯେ, ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଆମେ ଧାରଣାରୁ ଉଠିବୁ ନାହିଁ। ଧାରଣାରତ ସମ୍ପର୍କୀୟ ଓ ଗ୍ରାମବାସୀ କୁଆଡ଼େ ନ ଯାଇ ଏଠାରେ ରୋଷେଇ କରି ଖାଉଥିବା ଜଣାପଡ଼ିଛି। ତେବେ ଧାରଣା ସ୍ଥଳକୁ ପୋଲିସ ପହଞ୍ଚି ନ ଥିବା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ ଏ ନେଇ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି।

## ହେରା ପଞ୍ଚମୀ: ରଥଭାଙ୍ଗି ବାହୁଡ଼ିଲେ ମା' ଲକ୍ଷ୍ମୀ ଠାକୁରାଣୀ

**ରଣପୁର,୮।୭ (ସ୍ୱ.ପ୍ର.)**

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପଞ୍ଚମ ଦିବସ ହେରା ପଞ୍ଚମୀ ସୋମବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁରଠାରେ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି । ମହାପ୍ରଭୁ ଜଗନ୍ନାଥ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ମାଉସୀ ଘର ଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ଏଥିରେ ଅଭିମାନ କରିଛନ୍ତି ମା' ଲକ୍ଷ୍ମୀ। ଜଗନ୍ନାଥ ମନ୍ଦିରରେ ଏକାକୀ ମର୍ମାହତ ହୋଇ ମା' ଲକ୍ଷ୍ମୀ ନିଜ ମନର କଥା ଭଉଣୀ ବିମଳାଙ୍କ ନିକଟରେ ପ୍ରକାଶ କରିଥିଲେ । ମା' ବିମଳାଙ୍କ ପରାମର୍ଶ ଅନୁଯାୟୀ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ଏକାନ୍ତରେ ବାହାରି ହେରା ପଞ୍ଚମୀ ଗଳି ଦେଇ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଭାଙ୍ଗି ରାତିରେ ମନ୍ଦିରକୁ ଫେରି ଆସିଛନ୍ତି। ଏହି ପରମ୍ପରା ଅନୁଯାୟୀ ସୋମବାର ରାତିରେ ମା' ଲକ୍ଷ୍ମୀ ଠାକୁରାଣୀ ଏକ ସୁସଜ୍ଜିତ ଦୋଳ ବିମାନରେ ବିରାଜମାନ କରି ଘଣ୍ଟ, ଘଣ୍ଟା, କାହାଳୀ ସହିତ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାକର୍ମ ସମାପନ କରାଯାଇଥିଲା। ଶେଷରେ କ୍ରୋଧାନ୍ୱିତ ହୋଇ ମା' ଲକ୍ଷ୍ମୀ ନନ୍ଦିଘୋଷ ରଥକୁ ଭାଙ୍ଗି ଶ୍ରୀ ମନ୍ଦିରକୁ ବାହୁଡି ଯାଇଥିଲେ।



ନନ୍ଦିଘୋଷ ରଥ ଭାଙ୍ଗି ମନ୍ଦିର ଅଭିମୁଖେ ବାହୁଡୁଛନ୍ତି ମା' ଲକ୍ଷ୍ମୀ।

## ବିଦ୍ୟାଳୟ ପରିସରରେ ଚାରାରୋପଣ

**ବୋଲଗଡ଼,୮।୭(ଡି.ଏନ୍.ଏ.)**

ବନ ମହୋତ୍ସବ ସପ୍ତାହ ଅବସରରେ ବୋଲଗଡ଼ ବ୍ଲକ ପିଚୁକୁଲିସ୍ଥିତ ଶ୍ରୀ ରଘୁନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଚିତ୍ରାନନ୍ଦ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାରାରୋପଣ କରାଯାଉଛି।

ଏଥିରେ ପିଟିଏ ଚେୟାରମ୍ୟାନ ବବିନା ନାୟକ, ରଜନୀକାନ୍ତ ଦାସ, ନିର୍ମଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ବୃକ୍ଷରୋପଣ' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଚିତ୍ରକରଙ୍କୁ ଚଳିତ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏହି ଅବସରରେ ପ୍ରତି ଛାତ୍ରୀଛାତ୍ର ନିଜ ବାଡ଼ି ବଗିଚାରେ ଗଛ ଲଗାଇବାକୁ ଶିକ୍ଷକ ରାୟଗୁରୁ ପରାମର୍ଶ ଦେଇଥିଲେ ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାଲୁଗାଁ,୮।୭(ଡି.ଏନ.ଏ.):** ସୋମବାର ଅପରାହ୍ନରେ ଚିଲିକା ବ୍ଲକ୍ ନିକଟ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାରୁଣୀ ଫାଣ୍ଡି ଅନ୍ତର୍ଗତ ସାନନଈରୀ ଗ୍ରାମର ବୀରେନ୍ ନାୟକ(୨୮) । ପ୍ରକାଶ ଯେ, ଚିଲିକା ବ୍ଲକ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବୀରେନ୍ ଏକ ବାଇକ୍ ଯୋଗେ କୌଣସି କାମରେ ନାରୁଣୀ ଅଭିମୁଖେ ଯାଉଥିଲେ। ବର୍ଷା ହେଉଥିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଛିଟିକିପଡି ସେ ଗୁରୁତର ହୋଇଥିଲେ। ଅଗ୍ନିଶମ ବିଭାଗ ଗାଡ଼ି ଯୋଗେ ତାଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ■ ଟାକେରା ବିଦ୍ୟାଳୟରେ ୩ ଖବରଦାତାଙ୍କୁ ଅଟକ ଘଟଣା

# ୧୦ରେ ଖବରଦାତାଙ୍କ ଗଣଧାରଣା

**ନୟାଗଡ଼ ଅଫିସ,୮।୭**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକେରା ଆବାସିକ ବିଦ୍ୟାଳୟରେ ଖବର ସଂଗ୍ରହ କରିବା ପାଇଁ ଯାଇଥିବା ୩ ଖବରଦାତାଙ୍କୁ ଅଟକ ଘଟଣାରେ ଆସନ୍ତା ୧୦ତାରିଖରେ ଖବରଦାତାମାନେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଭୟରେ ସୋମବାର ଶିକ୍ଷକମାନେ ସ୍ଥାନୀୟ ଲୋକ, ବିଦ୍ୟାଳୟ କମିଟି ସଦସ୍ୟଙ୍କୁ ଢାଲ କରିଥିଲେ। ଦଶପଲ୍ଲା ବ୍ଲକରେ ହେଉଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ସେମାନେ ଯାଇ ଖବରଦାତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଖବରଦାତାମାନେ ବିଦ୍ୟାଳୟକୁ ଯାଇ ଦଶମ ଶ୍ରେଣୀ ଛାତ୍ରୀଙ୍କ ସହ ସେଲ୍‌ଫି ନେଉଥିବାରୁ ଶିକ୍ଷକମାନେ ତାଙ୍କୁ ପାଟିତୁଣ୍ଡ କରିଥିବା ନେଇ ବିଦ୍ୟାଳୟ କମିଟି ସଦସ୍ୟ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଉକ୍ତ ଅଭିଯୋଗ ଜିଲାପାଳ ଓ ଏସ୍‌ପି ଶୁଣି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତାମାନଙ୍କ ବୈଠକରେ ଗୋଟିଏ ଦିନ ଭିତରେ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ନେଲେ ୧୦ ତାରିଖରେ ସେମାନେ ଦଶପଲ୍ଲା ଥାନା ଆଗରେ ଗଣଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରୁ ୩ଛାତ୍ର ନିଖୋଜ ହେବା ନେଇ ୩ଜଣ ଖବରଦାତା ଉକ୍ତ ସ୍କୁଲକୁ ଯାଇଥିଲେ। ତେବେ ସେଠାରେ କିଛି ଶିକ୍ଷକ ଦୁର୍ବ୍ୟବହାର ଦେଖାଇବା ସହ ଫାଟକ ବନ୍ଦ କରି ସ୍କୁଲ ପରିସରରେ ସେମାନଙ୍କୁ ଅଟକ ରଖିଥିଲେ। ଅନ୍ୟ ଖବରଦାତା ଯାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଶନିବାର ବିଦ୍ୟାଳୟର ଶିକ୍ଷକ ଓ ମଙ୍ଗଳ ବିଭାଗର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖବରଦାତାମାନେ ଜିଲାପାଳ ଡା. ଏନ୍. ତିରୁମାଲା ନାୟକଙ୍କୁ ଭେଟିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ପାଇଁ ବିଭାଗକୁ ଚିଠି କରିଥିବା ଜିଲାପାଳ ସୂଚନା ଦେଇଥିଲେ।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ, କର୍ମକର୍ତ୍ତା ନିର୍ବାଚନ

**ରଣପୁର, ୮।୭ (ସ୍ୱ.ପ୍ର.)**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରଣପୁର ବ୍ଲକ ଶାଖାର ସାମ୍ବିଧାନିକ ସମ୍ମିଳନୀ ସୋମବାର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବୃନ୍ଦାବନପୁରଠାରେ ଅନୁଷ୍ଠିତ ହୋଇଯାଇଛି। କିଶୋର ଚନ୍ଦ୍ର ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ କୁମାର ନନ୍ଦ ଓ ପ୍ରଦ୍ୟୁମ୍ନ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଓଷ୍ଟାର ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟଅତିଥି, ରମେଶ କୁମାର ବଳବନ୍ତରାୟ ମୁଖ୍ୟବକ୍ତା ଓ ଜିଲା ଯୁଗ୍ମ ସମ୍ପାଦକ ଆର୍ତ୍ତବନ୍ଧୁ ସାହୁ, ମନୋଜ କୁମାର ଗୁମାନସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଦେଷ୍ଟା ପ୍ରସନ୍ନ କୁମାର ରଥ ତାଙ୍କ ଅଭିଭାଷଣରେ ଶିକ୍ଷକ ଓ ଛାତ୍ରମାନଙ୍କ ସ୍ୱାର୍ଥପାଇଁ ଓଷ୍ଟା ସଂଗଠନକୁ ମଜଭୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ପଦ୍ମ ଚରଣ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ପରେ ଆଗାମୀ ୩ବର୍ଷ ପାଇଁ ବ୍ଲକ ଓଷ୍ଟାର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ପ୍ରଦୀପ କୁମାର ସାହୁ, ଉପସଭାପତି ବିଜୟ କୁମାର ଚମ୍ପତି, ଉପସଭାନେତ୍ରୀ ବିଦେଶିନୀ ପତି, କାର୍ଯ୍ୟକାରୀ ସଭାପତି





ସମ୍ମିଳନୀରେ ଯୋଗଦେଇଥିବା ଓଷ୍ଟାର କର୍ମକର୍ତ୍ତା।

**ରଣପୁର ବ୍ଲକ**

ପ୍ରଫୁଲ୍ଲ କୁମାର ପରିଡା, ସମ୍ପାଦକ ବିଜୟ କୁମାର ପରିଡା, ଯୁଗ୍ମ ସମ୍ପାଦକ ଭଗବାନ ଚୌଧୁରୀ, ସୁବାସ ଚନ୍ଦ୍ର ପ୍ରଧାନ, ସଂଗଠନ ସମ୍ପାଦକ ଦିବାକର ପାଇକରାୟ, ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ କୁମାର ଦଳବେହେରା, ଶିବ ପ୍ରସାଦ ଦାଶ, ଦିଲୀପ କୁମାର ଦାସ, ଜିଲା ପରିଷଦ ସଦସ୍ୟ ଭାବେ ଦୈତାରୀ ବସ୍ତିଆ, ଗୌରହରି ସାହୁ, ବସନ୍ତ କୁମାର ନନ୍ଦ, ସଞ୍ଜୟ କୁମାର ପାତ୍ର, ଗୋପୀନାଥ ପ୍ରଧାନ ନିର୍ବାଚିତ ହୋଇଥିଲେ। ନୂତନ ସଦସ୍ୟମାନଙ୍କୁ ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାସ ସଂଗଠନର ନୀତି ଓ ଆଦର୍ଶ ସମ୍ବନ୍ଧରେ ଶପଥ ଗ୍ରହଣ କରାଇଥିଲେ। ଶେଷରେ ପ୍ରଧାନଶିକ୍ଷକ ଅଭିମନ୍ୟୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

- ଏଡ୍‌ୱର୍ଥ



## ସଂକ୍ଷେପରେ

### ଉଠାଦୋକାନୀଙ୍କ ଠାରୁ ଦାଦାବଟି ଆଦାୟ ଅଭିଯୋଗ

**ପୁରୀ ଅଫିସ, ୮।୭ :** ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ବଡଦାଣ୍ଡରେ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବହୁ ଉଠାଦୋକାନୀ ପସରା ମେଲିଛନ୍ତି। କିଏ ଫାଷ୍ଟଫୁଡ ଖୋଲିଛି ତ କିଏ ପ୍ଲାଷ୍ଟିକ ସାମଗ୍ରୀ ଘର କରଣା ସାମଗ୍ରୀ ପ୍ରଭୃତି ମେଲିଛନ୍ତି। ତେବେ ଏହି ଦୋକାନୀଙ୍କ ଠାରୁ ସ୍ଥାନୀୟ ଗୁଣ୍ଡା ମାନେ ଯୋର ଜବରଦସ୍ତ ବଟି ଆଦାୟ କରୁଥିବା କେତେଜଣ ଦୋକାନୀ ଗଣମାଧ୍ୟମକୁ କହିଛନ୍ତି। ଦୋକାନ ପିଛା ୧୦୦ରୁ ୩୦୦ଟଙ୍କା ପର୍ଯ୍ୟନ୍ତ ଦୈନିକ ଆଦାୟ କରାଯାଉଛି। କୌଣସି ବେପାରୀ ଏହାର ବିରୋଧ କରିଲେ, ସେମାନଙ୍କୁ ଏଠାରେ ବେପାର ଉଠାଇବାକୁ ଧମକ ଚମକ ଦେଉଛନ୍ତି। ସନ୍ଧ୍ୟା ହେଲେ ସ୍ଥାନୀୟ ଯୁବକମାନେ ମେଳି ବାନ୍ଧି ବଡଶଙ୍ଖର ଉଭୟ ପାର୍ଶ୍ୱରେ ଦୋକାନ ଦେଇଥିବା ଉଠାଦୋକାନୀଙ୍କ ଠାରୁ ବଟି ଆଦାୟ କରୁଥିବା ଜଣାପଡିଛି। ବଡଶଙ୍ଖ ଠାରେ ଉଭୟ ପାର୍ଶ୍ୱରେ ସଶସ୍ତ୍ର ପୋଲିସ ମୁତୟନ ରହିଛନ୍ତି। ଏହା ସତ୍ତ୍ୱେ ବଡଶଙ୍ଖ ଠାରେ ଖୁଲ୍‌ମଖୁଲା ଭାବେ ବଟି ଆଦାୟ ଚାଲିଛି। ବଟି ଆଦାୟ କରୁଥିବା ବ୍ୟକ୍ତି ବିଶେଷ କେତେଜଣ ପୋଲିସ କର୍ମଚାରୀଙ୍କୁ ହାତଖୁଆ ଦେଇ ବଟି ଆଦାୟ କରୁଛନ୍ତି ବୋଲି କେତେଜଣ ବେପାରୀ କହିଛନ୍ତି। ଏନେଇ ସ୍ଥାନୀୟ ପୋଲିସ ନିକଟରେ ଖବର ରହିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଏସ୍‌ପି ଉମାଶଙ୍କର ଦାଶଙ୍କୁ ପଚାରିବାରେ ସେଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ଭକ୍ତି ସଙ୍ଗୀତ, ନୃତ୍ୟରେ ଝୁମୁଛି ଶ୍ରୀକ୍ଷେତ୍ର

**ପୁରୀ ଅଫିସ, ୮।୭:** ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ମହାପ୍ରଭୁଙ୍କ ଜୟଜୟକାର ମନ୍ତ୍ରଧ୍ୱନୀରେ ପରିବେଶ ମୁଖରିତ। ରଥଯାତ୍ରା ଅବସରରେ ବଡ଼ଦାଣ୍ଡରେ ଚାଲିଛି ଭଜନ, କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ। ଭକ୍ତି ସଙ୍ଗୀତରେ ଝୁମୁଛି ଶ୍ରୀକ୍ଷେତ୍ର। ବଡଭାଇ ଓ ସାନ ଭଉଣୀଙ୍କୁ ସାଥିରେ ନେଇ ଶ୍ରୀଗୁଣ୍ଡିଚା ଆସିଛନ୍ତି କାଳିଆ ଠାକୁର। ଭାବ ବିନୋଦିଆ କାଳିଆର ଦର୍ଶନ ଲାଗି ବ୍ୟାକୁଳ ହୋଇ ଉଠିଛି ଭକ୍ତ। ବଡଦାଣ୍ଡରେ ଭକ୍ତଙ୍କ ସୁଅ। ଏହି ଅବସରରେ ଚାଲିଛି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଭୋଳାନାଥ ବିଦ୍ୟାପୀଠରେ ଜିଲା ପ୍ରଶାସନ ପକ୍ଷରୁ ଚାଲିଛି ସାଂସ୍କୃତିକ ମହୋତ୍ସବ। ଏଥିରେ ରାଜ୍ୟର ବହୁ ନୃତ୍ୟାନୁଷ୍ଠାନ ଯୋଗ ଦେଇଛନ୍ତି। ଓଡ଼ିଶୀ, ପାରମ୍ପରିକ ଲୋକକଳାରେ ଉଚ୍ଛୁଳୁଛି ପରିବେ। ପଲ୍ଲିଶ୍ରୀମେଳାକୁ ଆସୁଥିବା ଲୋକମାନେ ଏହାକୁ ବେଶ ଉପଭୋଗ କରୁଛନ୍ତି। ଜିଲା ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବେଳାଭୂମି ଓ ବଡଶଙ୍ଖରେ ଚାଲିଛି ସଚେତନତା କାର୍ଯ୍ୟକ୍ରମ। ପାଲା, ଦାଶକାଠିଆ, ଘୁଡକି, ଘୋଡାନାଚ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଉଛନ୍ତି କଳାକାରମାନେ। ପୁରୀ ଜିଲାର ବିଭିନ୍ନ ବ୍ଲକରୁ ଯୋଗ ଦେଇଛନ୍ତି ଶତାଧିକ କଳାକାର। ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ, ଭକ୍ତଙ୍କ ମନୋରଞ୍ଜନ କରିବା ସହ ସରକାରୀ ଯୋଜନା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଉଛନ୍ତି।

■ ସବୁଜିମା ଫେରିବା ନେଇ ଆଶଙ୍କା

# ଚାରା ନେବାକୁ ଆଗ୍ରହ ଦେଖାଉନାହାନ୍ତି ସହରୀ ଲୋକ

**ପୁରୀ ଅଫିସ, ୮।୭**

ପୁରୀ ଜିଲାକୁ ଏକପ୍ରକାର ଗଛଶୂନ୍ୟ କରିଦେଇଛି ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ ଫନୀ। ବାତ୍ୟାରେ ଜିଲାରେ ଲକ୍ଷ ଲକ୍ଷ ଗଛ ଭାଙ୍ଗିଯିବାରୁ ସବୁଜିମା ନଷ୍ଟ ହୋଇଛି। ବନ ବିଭାଗ ପୁଣି ସବୁଜିମା ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ କରିଛି। ଲୋକଙ୍କୁ ସଚେତନ କରିବା ସହ ମାଗଣା ଚାରା ବାଣ୍ଟିବା ଆରମ୍ଭ କରିଛି। ଗ୍ରାମାଞ୍ଚଳରେ ଲୋକମାନେ ଚାରା ନେବାକୁ ଆଗ୍ରହ ପ୍ରକାଶ କରୁଥିବାବେଳେ ସହରୀ ମଣିଷ ବାଡ଼ିବଗିଚାରେ ଗଛଟିଏ ଲଗାଇବାକୁ ସେତେଟା ଆଗ୍ରହ ଦେଖାଉ ନାହାନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଗତ ୧ ତାରିଖଠାରୁ ଚାରା ବିତରଣ କେନ୍ଦ୍ର ଖୋଲିଥିବା ବେଳେ କାଗଜପତ୍ରରୁ ଏହି ତଥ୍ୟ ଜଣାପଡ଼ିଛି। ପୁଣି ଲୋକଙ୍କ ଚାହିଦା ମୁତାବକ ଚାରା (ଆମ୍ବ, ପଣସ, ନଡ଼ିଆ ଆଦି ଫଳଚାରା)ବି ବିତରଣ କେନ୍ଦ୍ରରେ ଉପଲବ୍ଧ ହେଉନାହିଁ। ତେବେ ବନ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ଚାରା ଅଣାଯାଇ ଭିଆଇପି ରୋଡ୍ ବନାନୀ ପରିସରରେ ଗଚ୍ଛିତ ରଖାଯାଇଥିଲେ ମଧ୍ୟ ବଣ୍ଟନ ଏତେଟା ଉତ୍ସାହଜନକ ହେଉନାହିଁ। ଫଳରେ ସବୁଜିମା ଫେରିବା ନେଇ ଆଶଙ୍କା ଦେଖାଦେଇଛି।



ଟ୍ରକ୍‌ରେ ବୋଝେଇ ହୋଇଥିବା ଚାରା ।

ବାତ୍ୟାରେ ଲକ୍ଷ ଲକ୍ଷ ଗଛ ଭାଙ୍ଗିଯିବାରୁ ଶ୍ରୀହୀନ ଦେଖାଯାଉଥିଲା ପୁରୀ। ବିଶେଷକରି ପୁରୀ-କୋଣାର୍କ ରାସ୍ତା ପାର୍ଶ୍ୱସ୍ଥ ୮୭ ବର୍ଗକିମି ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳର ଲକ୍ଷାଧିକ ଗଛ ଧରାଶାୟୀ ହୋଇପଡିଥିଲା। ସେହିପରି ଜିଲାରେ ବ୍ୟାପକ ମାତ୍ରାରେ କାଜୁ ଓ ନଡ଼ିଆ ବଗିଚା ଛାରଖାର ହୋଇଯାଇଥିଲା। ତେଣୁ ଜିଲାରେ ସବୁଜିମା ଫେରାଇ ଆଣିବା ଲାଗି ପୁରୀ ବନଖଣ୍ଡ ପକ୍ଷରୁ ଲୋକଙ୍କୁ ମାଗଣାରେ ଚାରା ବିତରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପୁରୀ ବନମଣ୍ଡଳ ଅଧୀନସ୍ଥ କୋଣାର୍କ, ସାକ୍ଷୀଗୋପାଳ, ବ୍ରହ୍ମଗିରି, ଅସ୍ତରଙ୍ଗ, ଗୋପ ଏବଂ ପୁରୀ ସହରରେ ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ପୁରୀ ସହରର ବଳଗଣ୍ଡି ଛକ ଏବଂ ଭିଆଇପି ରୋଡ (ବନ ବିଭାଗ ବନାନୀ ନିକଟ)ରେ ଖୋଲିଥିବା ୨ଟି କେନ୍ଦ୍ରରେ ଝାଉଁ, ପାଟୋଳି, ନିମ୍ବ, ଚାକୁଣ୍ଡା, କୁକୁମ, କୁରୁଞ୍ଜିବା, ଅର୍ଜୁନ, ଜାମୁ, କଦମ୍ବ, ଶିଶୁ ପ୍ରଭୃତି ଜଙ୍ଗଲି ଚାରା ଉପଲବ୍ଧ ହେଉଛି। ଗ୍ରାମାଞ୍ଚଳ ଲୋକଙ୍କୁ ୧୦ଟି ଏବଂ ସହରାଞ୍ଚଳ ଲୋକଙ୍କୁ ୫ଟି ଚାରା ଦେବାକୁ ନିଷ୍ପତ୍ତି ହୋଇଛି। ଠିକଣା ଦେଇ ଜଣେ ବ୍ୟକ୍ତି ଚାରା ନେଇପାରିବେ ବୋଲି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ରଖାଯାଇଛି। ତେବେ ୭ ତାରିଖ ସୁଦ୍ଧା ଭିଆଇପି ରୋଡ କେନ୍ଦ୍ରକୁ ମାତ୍ର ୨୮୫ ଜଣ ଚାରା ନେବାକୁ ଆସିଛନ୍ତି। ଏହି ୭ ଦିନରେ ମୋଟ ୨,୪୯୯ଟି ଚାରା ବଣ୍ଟନ କରାଯାଇଛି। ତେଣୁ ଏହି ସଂଖ୍ୟା ହିଁ ଲୋକଙ୍କ ମଧ୍ୟରେ ବୃକ୍ଷରୋପଣ କରିବାର ମାନସିକତା କମ୍ ଥିବା ସ୍ପଷ୍ଟ କରୁଛି। ମାଗଣାରେ ମିଳୁଥିଲେ ବି ବିଶେଷକରି ସହରୀ ମଣିଷ ଏଥିପ୍ରତି ଆଗ୍ରହ ଦେଖାଉନାହାନ୍ତି। ଗ୍ରାମାଞ୍ଚଳ ଲୋକେ ସେମିତି ଏତେଟା ବାଛବିଚାର କରୁନାହାନ୍ତି। ବାଡିରୁ ଗଛଶୂନ୍ୟ ହୋଇଯାଇଥିବାରୁ ଯେ କୌଣସି ଗଛ ଲଗାଇବାକୁ ଚାରା ନେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଲୋକେ ବିଶେଷ ଭାବେ ଫଳ ଚାରା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଆମ୍ବ, ପଣସ, ନଡ଼ିଆ ଚାରା ଖୋଜୁଛନ୍ତି। କିନ୍ତୁ ଏ ସବୁ ଚାରା ବିତରଣ କେନ୍ଦ୍ରରେ ଉପଲବ୍ଧ ହେଉନାହିଁ। ଯେହେତୁ ବନ ବିଭାଗ ପକ୍ଷରୁ ଏହି କେନ୍ଦ୍ର ଖୋଲାଯାଇଛି, ତେଣୁ ଏହିସବୁ ଫଳଚାରା ନ ମିଳିବା ସ୍ୱାଭାବିକ। ଉଦ୍ୟାନ କୃଷି ବିଭାଗ ଯଦି ଲୋକଙ୍କ ଚାହିଦା ମୁତାବକ ଫଳଚାରା ଯୋଗାଇ ଦିଅନ୍ତା ତେବେ ବନ ବିଭାଗର ଏହି ଉଦ୍ଦେଶ୍ୟ ଫଳପ୍ରଦ ହୋଇପାରନ୍ତା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସୋମବାର ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ୨ଟି ଟ୍ରକ୍ ଯୋଗେ ବିଭିନ୍ନ ପ୍ରକାର ଚାରା ଆସି ପହଞ୍ଚିଛି। ବନାନୀ ପରିସରରେ ଏସବୁ ରଖାଯାଇଛି। ଆନ୍ଧ୍ରପ୍ରଦେଶରୁ ୯୫୧ ଏବଂ ପଶ୍ଚିମବଙ୍ଗରୁ ୫୫୭ଟି ଚାରା ଆସିଛି। ଏଥିରେ ବର, ଅଶ୍ୱତ୍ଥ, ବଉଳ, ଜାମୁ, ମେହନାଦ, ପିମ୍ପଳ, କରଞ୍ଜ, ନିମ୍ବ, ପାଟୋଳି ପ୍ରଭୃତି ଚାରା ଆସିଥିବା ଜଣାପଡିଛି। ସେହିପରି ବନ ବିଭାଗର ଖୋର୍ଦ୍ଧା ଡିଭିଜନରୁ ଶିଶୁ, ଅର୍ଜୁନ, କରଞ୍ଜ ଏବଂ ରାୟପୁରରୁ ଝାଉଁ ଚାରା ଆସିଛି। ଏଗୁଡ଼ିକୁ ଲୋକେ ନେଇ ନିଜ ବାଡ଼ିବଗିଚାରେ ଲଗାଇ ଉପଯୁକ୍ତ ଯତ୍ନ ନେବାକୁ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି।

■ଚାହିଦା ମୁତାବକ ଚାରା ବି ମିଳୁନି

■ଆନ୍ଧ୍ର, ପଶ୍ଚିମବଙ୍ଗରୁ ପହଞ୍ଚିଲା ୨ ଟ୍ରକ୍ ଚାରା

## ରଥଯାତ୍ରାରେ ମାତିଛନ୍ତି ଲୁଟେରା

**ପୁରୀ ଅଫିସ, ୮।୭**

ଜନ୍ମବେଦୀରେ ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ହୋଇଛି ସମାଗମ। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସହରରେ ମୁତୟନ ରହିଛନ୍ତି ୧୫୫ପ୍ଲାଟୁନ ଫୋର୍ସ। ଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରରେ ରହିଛି କଡା ସୁରକ୍ଷାବଳୟ। ଅନ୍ୟପଟେ ଶ୍ରୀକ୍ଷେତ୍ରରେ ମାତିଛନ୍ତି ଏକ ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗ୍। ରଥଯାତ୍ରା ଠାରୁ ହେରାପଞ୍ଚମୀ ସୁଦ୍ଧା ପୋଲିସ ୫୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଏବଂ ବାହାରର ଲୁଟେରାଙ୍କୁ ଗିରଫ କରିଛି। ଗୁଣ୍ଡିଚା ମନ୍ଦିରରୁ ବାହାରୁଥିବା ଭକ୍ତ, ବଡଦାଣ୍ଡରେ ଯିବା ଆସିବା କରୁଥିବା ଭକ୍ତଙ୍କ ଠାରୁ ସୁନାଚେନ, ମୋବାଇଲ, ମନିପର୍ସ ଚୋରି ଅଭିଯୋଗରେ କୁମ୍ଭାରପଡା ପୋଲିସ ୧୫ଜଣଙ୍କୁ ଗିରଫ କରିଛି। ସମୁଦ୍ରକୂଳ ଥାନା ପୋଲିସ ବେଳାଭୂମି, ଭିଆଇପି ରୋଡରେ ଭକ୍ତ, ପର୍ଯ୍ୟଟକଙ୍କ ଠାରୁ ଲୁଟ ଅଭିଯୋଗରେ ୧୫ଜଣଙ୍କୁ ଗିରଫ କରିଛି। ସେହିପରି ସିଂହଦ୍ୱାର ପୋଲିସ ଅନୁରୂପ ଭାବେ ଶ୍ରୀମନ୍ଦିରରେ ଭକ୍ତଙ୍କ ପକେଟ ମାର, ମହିଳାଙ୍କ ବେକରୁ ସୁନାଚେନ୍ ଆଦି ଲୁଟ ଅଭିଯୋଗରେ ୨୦ଜଣଙ୍କୁ ଗିରଫ କରିଥିବା ଜଣାପଡିଛି।



ଦଶପଲ୍ଲା ଆଡପ ମଣ୍ଡପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାମନ ବେଶ।



ଓଡଗାଁ ବ୍ଲକ କୁରାଳ ଶ୍ରୀଦଧିବାମନ ଜୀଉଙ୍କ ନାରାୟଣ ବେଶ ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ଦଶପଲ୍ଲା,୮।୭(ଡିଏନ୍ଏ)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶିମିଳିସାହି ପଞ୍ଚାୟତର ପଙ୍କାଳସାହି ଠାରେ ଏକ ଫାର୍ମରେ କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ସ୍ଥାନୀୟ ଦେଉଶର ଗ୍ରାମର ମହି ଦେହୁରୀ (୪୦)। ସେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ କାମ କରିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ‘ଶିକ୍ଷା’ ପକ୍ଷରୁ ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷା

**ଖଣ୍ଡପଡ଼ା,୮।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ଖଳିସାହିସ୍ଥିତ ‘ଶିକ୍ଷା’ ଅନୁଷ୍ଠାନ ପକ୍ଷରୁ ରବିବାର ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷା ସ୍ଥାନୀୟ ଲିଙ୍ଗରାଜ ନୋଡାଲ ୟୁପିଏମଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୮ମରୁ ୧୦ମ ଶ୍ରେଣୀ ମଧ୍ୟରେ ଅଧ୍ୟୟନରତ ୪୪୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ‘ଶିକ୍ଷା’ର ପ୍ରତିଷ୍ଠାତା ପ୍ରକାଶ ଚନ୍ଦ୍ର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ବିଷ୍ଣୁପ୍ରିୟା ମହାନ୍ତି, ଭୋଳାନାଥ ନାୟକ, ଗଜପତି ବିଶ୍ୱାଳ, ସୁକାନ୍ତ ରାଉତ ପ୍ରମୁଖ ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି, ଜ୍ଞାନ ରଞ୍ଜନ ପୃଷ୍ଟିଙ୍କ ସମେତ ଏବିଭିପି ସଦସ୍ୟମାନେ ସହଯୋଗ କରିଥିଲେ। ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ‘ଶିକ୍ଷା’ (ସୋସିଆଲ ଇନିସିଏଟିଭ ଅଫ୍ ଖଣ୍ଡପଡା ହ୍ୟୁମାନ ଆକ୍ସନ) ଏକ ସାମାଜିକ ଆନ୍ଦୋଳନ। ଏହାର ଲକ୍ଷ୍ୟ ହେଉଛି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପିଲାମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଓ ନିଯୁକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ତାଲିମ ପ୍ରଦାନ କରିବା।



ମେଧାବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ବୋଲଗଡ଼ରେ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି

**ବୋଲଗଡ଼,୮।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଗୃହର ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସ୍‌ପି ଅମୂଲ୍ୟ କୁମାର ଦାଶ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମିଶ୍ର, ବୋଲଗଡ଼ ବିଡିଓ ମଧୁସୂଦନ ବେହେରା, ତହସିଲଦାର ମୋନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧୭୬ଟି ବ୍ୟକ୍ତିଗତ, ୧୪ଟି ସାମୂହିକ ଭାବେ ସମୁଦାୟ ୧୯୦ଟି ଅଭିଯୋଗ ଶୁଣାଣି ହୋଇଛି । ୧୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୬ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୪ଜଣଙ୍କୁ ରେଡ୍‌କ୍ରସ ପକ୍ଷରୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସରକାରୀ ଯୋଜନା ଅନ୍ତର୍ଭୁକ୍ତ ସୁବିଧା ଗୁଡ଼ିକ ହିତାଧିକାରୀମାନେ କିପରି ପାଇବେ ସେ ନେଇ ଆଲୋଚନା ଓ ଶୁଣାଣି ହୋଇଥିଲା। ତେବେ ଶୁଣାଣି ଶିବିର ଉପର ମହଲାରେ ହୋଇଥିବାରୁ ଭିନ୍ନକ୍ଷମମାନେ ସଭାରେ ଯୋଗଦେବାକୁ ସମସ୍ୟା ସୃଷ୍ଟି ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଅନ୍ୟ ଅଧିକାରୀ ।

■ ଉପକାରାଗାର ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

## କଂଗ୍ରେସ ପକ୍ଷରୁ ତହସିଲ ସମ୍ମୁଖରେ ଧାରଣା

**ଦଶପଲ୍ଲା, ୮।୭(ଡି.ଏନ.ଏ.)**

ଦଶପଲ୍ଲା ଉପକାରାଗାର ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରି ସୋମବାର କଂଗ୍ରେସ ପକ୍ଷରୁ ଦଶପଲ୍ଲା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଉପକାରାଗାର ମଧ୍ୟରେ ଥିବା ବିଚାରାଧୀନ କଏଦୀ ମାନଙ୍କୁ ନୟାଗଡ ଉପକାରାଗାର ମଧ୍ୟକୁ ସ୍ଥାନାନ୍ତର କରିନେବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦଳ ଦାବି କରିଛି । ଏନେଇ ଦଶପଲ୍ଲା, ଗଣିଆ ଏବଂ ନୂଆଗାଁ ତହସିଲ ଅଧୀନ ବିଭିନ୍ନ କର୍ମକର୍ତ୍ତାଙ୍କ ସହ ଜିଲାସ୍ତରୀୟ କର୍ମକର୍ତ୍ତା ମାନେ ଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ମୁତାବକ ଏହି ଉପକାରାଗାରଟି ଦେଶ ସ୍ୱାଧୀନତା ପୂର୍ବରୁ ତଥା ୧୯୧୦ ମସିହାରୁ ସ୍ଥାପନ ହୋଇଥିବା ବେଳେ କାରାଗାରରେ ସର୍ବଦା ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ବିଚାରାଧୀନ କଏଦୀ ରହି ଆସୁଛନ୍ତି। ବିଶେଷ କରି ଦଶପଲ୍ଲା, ନୂଆଗାଁ ଏବଂ ଗଣିଆ ଥାନା ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ। ଉପକାରାଗାର ସ୍ଥାନାନ୍ତର ହେଲେ କଏଦୀ ମାନଙ୍କୁ ନୟାଗଡ ଜେଲରୁ ୪୦ କିମି ଦୂର ଦଶପଲ୍ଲା କୋର୍ଟକୁ ନେବା ଆଣିବା ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଦଶପଲ୍ଲା ଉପ-କାରାଗାରର ସମସ୍ତ ଭିତ୍ତିଭୂମି ସୁଦୃଢ ଥିବା ବେଳେ ଦଶପଲ୍ଲା ରାଜସ୍ୱ ସବ୍‌ଡିଭିଜନର ମାନ୍ୟତା ପାଇବା ପାଇଁ ହକ୍ ରହିଛି। ଏଭଳି ସମୟରେ ସରକାରଙ୍କ ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛି କଂଗ୍ରେସ। ଧାରଣାରେ ଜିଲା କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁ, ଉପସଭାପତି ନିର୍ମଳ ରଥ ଓ ବିନୋଦ ବିହାରୀ ମିଶ୍ର, ଜିଲା ସାଧାରଣ ସମ୍ପାଦକ ନାରାୟଣ ସାହୁ, ଜୋନ୍ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଗୁଣ୍ଡିଚା ଲେଙ୍କା, ବୁଲୁ ପରିଡା, ସୁକାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ଦୋଳନକାରୀ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

■ ସପ୍ତମ ଦିନରେ ପଲ୍ଲିଶ୍ରୀ ମେଳା

# ଭିଡ଼ ବଢୁଛି, ବେପାର ଜମୁଛି

**ପୁରୀ ଅଫିସ, ୮।୭**

ରତ୍ନବେଦୀ ଛାଡି ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହ। ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦେଉଛନ୍ତି ଆଡ଼ପ ଦର୍ଶନ। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତ ପାଉଛନ୍ତି ଆଡପ ଅଭଡ଼ା। ଶ୍ରଦ୍ଧାଳୁଙ୍କ ଗହଳିରେ ଉଠୁଛି ପଡୁଛି ଶରଧାବାଲି। ଦାରୁଦିଅଁଙ୍କୁ ଦର୍ଶନ ପରେ ଭକ୍ତଙ୍କ ଧାଡି ଲାଗୁଛି ଭୋଳାନାଥ ବିଦ୍ୟାପୀଠ ପରିସର ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ। ଗୋଟିଏ ଜାଗାରେ ସବୁ ଘରକରଣା ଜିନିଷ ସାଙ୍ଗକୁ ଖୋଲିଛି ଫୁଡ୍ ଫେଷ୍ଟ। ମନୋରଞ୍ଜନ ପାଇଁ ବିଭିନ୍ନ ରକମର ଦୋଳି ଓ ଖେଳଣା ଏବେ ପଲ୍ଲିଶ୍ରୀ ମେଳାକୁ ଆକର୍ଷିତ କରୁଛି। ସୋମବାର ସନ୍ଧ୍ୟାରେ ମେଳା ମଞ୍ଚରେ ଆକର୍ଷଣୀୟ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଦିନକୁ ଦିନ ମେଳାରେ ଭିଡ଼ ବଢୁଥିବା ବେଳେ ବେପାର ମଧ୍ୟ ଜମୁଛି।

### ସୁଗାର ଫ୍ରି ଗଛ

ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ପ୍ରକାର ଔଷଧୀୟ ସାମଗ୍ରୀ ବିକ୍ରି କରାଯାଉଛି। ବିଶେଷକରି ଆଣ୍ଠୁଗଣ୍ଠି ବିନ୍ଧା ପାଇଁ ଏକାଧିକ ଷ୍ଟଲରେ ଚେରମୂଳି ତେଲ ମିଳୁଥିବା ବେଳେ ଏଥର ମେଳାକୁ ଆସିଛି ସୁଗାର ଫ୍ରି ଗଛ। ଏହି ଗଛ ଚାରାକୁ ଆଣି ଆସିଛନ୍ତି ପିପିଲିର ଏମ୍.ଏସ୍. ବେଗ୍। ବେଗ୍ କୁହନ୍ତି, ଏହି ସୁଗାର ଫ୍ରି ଗଛର ନାମ ହେଉଛି ଷ୍ଟିଭିଆ। ଏହାର ପତ୍ର ଚିନିଠାରୁ ୩୦ ଗୁଣ ଅଧିକ ମିଠା। ଏହାର ବୈଜ୍ଞାନିକ ନାମ ରାବାଡିଆନା। ଏହାର ପତ୍ର ଔଷଧୀୟ ଗୁଣଯୁକ୍ତ ଅଟେ। ଏହା କ୍ୟାଲୋରୀବିହିନ ହୋଇଥିବାରୁ ମଧୁମେହ ରୋଗୀମାନଙ୍କ ପାଇଁ ଶର୍କରାର ଉତ୍ସ ହୋଇଥାଏ। ଇନ୍‌ସୁଲିନ କ୍ଷରଣରେ ସହାୟକ ହୁଏ। ଏହାର ପତ୍ର ଚିନି ବଦଳରେ ବ୍ୟବହାର କରାଯାଇପାରିବ। ତେବେ ଏହି ଷ୍ଟଲରେ ବୟସ୍କ ବ୍ୟକ୍ତିଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଠାରେ ଦରଜ ନାଶକ ତେଲ ବି ଉପଲବ୍ଧ ହେଉଛି। ସୋମବାର ମେଳା ବୁଲିବାକୁ ଆସିଥିବା ରମଣୀ ସାହୁ କହିଥିଲେ ଆଣ୍ଠୁ ବିନ୍ଧା ଯୋଗୁ ଏହି ତେଲ କିଣି ନେଉଛି। ଦେଖିବା କେମିତି କାମ କରୁଛି।



ମେଳାରେ ଓଡ଼ିଶୀ ନୃତ୍ୟ ପରିବେଷଣ।



ସୁଗାର ଫ୍ରି ଚାରା ବିକ୍ରି କରାଯାଉଛି।

### ପରିସ୍ରା ଗନ୍ଧରେ ନାକ ଫାଟୁଛି

ପଲ୍ଲିଶ୍ରୀ ମେଳାକୁ ଦୁଇଟି ଗେଟ୍ ରହିଛି। ମୁଖ୍ୟ ପ୍ରବେଶ ପଥ ଦେଇ ଦେଖଣାହାରୀ ଯାଆସ କରୁଛନ୍ତି। ଅନ୍ୟ ଏକ ଗେଟ୍ ରହିଛି। ଅନେକ ଲୋକ ମେଳା ବୁଲି ସାରି ସେହି ବାଟରେ ଫେରିଥାନ୍ତି। ହେଲେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ପରିସ୍ରା କରୁଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଯେ କେହି ଏହି ବାଟ ଦେଇ ଯାଉଛନ୍ତି ନାକରେ ହାତ ନଚେତ ରୁମାଲ ଦେଇ ଯାଉଛନ୍ତି। ଆବଶ୍ୟକ ଶୌଚଳାୟ ବ୍ୟବସ୍ଥା ହୋଇ ନ ଥିବାରୁ ଲୋକେ ଏଣେତେଣେ ପରିସ୍ରା କରୁଛନ୍ତି ବୋଲି ସୁବାସ ସେନାପତି କହିଛନ୍ତି। ପରିମଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ମେଳା ପାଇଁ ସେଭଳି ବ୍ୟବସ୍ଥା ହୋଇ ନ ଥିବା ସେ କହିଛନ୍ତି।

### ମେଳାରେ ଆଚାର ମହକ

ପଲ୍ଲୀଶ୍ରୀ ମେଳାରେ ମହକୁଛି ବ୍ରହ୍ମପୁର ଆଚାରର ମହକ। ଏକାଧିକ ଷ୍ଟଲରେ ଆଚାର ବିକ୍ରି କରାଯାଉଛି। ଏହି ଷ୍ଟଲଗୁଡ଼ିକରେ ଯୁବତୀ ଏବଂ ମହିଳାଙ୍କର ବିଶେଷ ଗହଳି ହେଉଛି। ଅଧିକାଂଶ ଆଚାର ବ୍ୟବସାୟୀ ବ୍ରହ୍ମପୁରରୁ ଆସିଛନ୍ତି। ବ୍ରହ୍ମପୁର ଆଚାରର ବି ସ୍ୱତନ୍ତ୍ରତା ରହିଛି। ପ୍ରତି ଷ୍ଟଲରେ ଗ୍ରାହକଙ୍କୁ ପ୍ରଥମେ ଚାଖିବା ଲାଗି ଦିଆଯାଉଥିବାରୁ ନିଅନ୍ତୁ କି ନ ନିଅନ୍ତୁ ସମସ୍ତେ ଆଚାରର ସ୍ୱାଦ ପାଇପାରୁଛନ୍ତି। ଏହି ଷ୍ଟଲଗୁଡ଼ିକରେ ଆମ୍ବ, ଲେମ୍ବୁ, ମିକ୍ସ, ଅଁଳାର ଉଭୟ ରାଗ ଓ ମିଠା ଆଚାର ବିକ୍ରି କରାଯାଉଛି। ସେହିପରି ଲଙ୍କା, ତେନ୍ତୁଳି, ବରକୋଳି, ରସୁଣ, ଟମାଟୋ, କଇଥ, ପଣସ ଆଦି ଆଚାର ଏଠାରେ ଉପଲବ୍ଧ ହେଉଛି।